ଜାନୁଆରୀ- ୨୦୨୧

# ଶିକ୍ଷାସୃଜନୀ



ବିଦ୍ୟା ଭାରତୀ

ଶିକ୍ଷା ବିକାଶ ସମିତି, ଓଡ଼ିଶା




ପ୍ରାଦେଶିକ କୌଶଳ ବିକାଶ ପ୍ରଶିକ୍ଷଣ ସ.ପ୍ର.ମ. କେଶବଧାମ, କଟକ

# ଶିକ୍ଷାସୃଜନୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର

### ପୌଷ - ମାଘ



**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. ବିନାୟକ ଦାଶ**
  ସଭାପତି, ଶି.ବି.ସ., ଓଡ଼ିଶା
- **ଡା. ଲକ୍ଷ୍ମୀକାନ୍ତ ମହାରଣା**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା

**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ମାଆ ହାତେ ପଡ଼ିଅଛି ଅଗଣାରେ ଝୋଟି
ମୁକୁତା ପରି ଶିଶିର ଛୁଇଁଯାଏ ମାଟି
ବଣବିଲ ତୋଟା ମାଳ ପଡ଼ିଆରେ ମେଳି
ନାନା ଜାତି ଗୁଡ଼ି ଉଡ଼ା ମକରକୁ ପାଳି
ଏକ ମନ ପ୍ରାଣେ
ବଇରୀ ତଡ଼ିବା କାମେ ପ୍ରତିଜ୍ଞାରେ
ଝାସ ଦେବୁ ରଣେ ।


**ପରିଚ୍ଳାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ମୁଖ୍ୟ ସଂପାଦକ : ଡଃ ଶ୍ୟାମସୁନ୍ଦର ମିଶ୍ର**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଧରଣୀଧର ଦାସ, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ଧନଞ୍ଜୟ ପଣ୍ଡା, ବିଷମକଟକ, ରାୟଗଡ଼ା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ ସୁନୀଲକୁମାର ଗୌଡ଼, ଗଜପତିନଗର
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଡ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ୍ୟ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିକ୍ଷାଞ୍ଚଳ, ଭୁବନେଶ୍ୱର - ୧୦
ଦୂରଭାଷ : (୦୬୭୪)୨୫୮୨୧୮୮, ମୋ-୯୪୩୭୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ରାଷ୍ଟ୍ରପାଇଁ କୃଷି ଓ କୃଷକ - ସୈନିକ ୦୫
- ସାଥୀ ହେବ ତ ଏମିତି ୦୭
- ସୋମ୍ର ଡଙ୍ଗା ଭସା ୦୮
- ଜାତୀୟ ଶିକ୍ଷାନୀତି - ୨୦୨୦ ଭାରତକେନ୍ଦ୍ରିତ... ୯
- ଗାନ୍ଧୀ ଦର୍ଶନ ଓ ଜାତୀୟ ଶିକ୍ଷାନୀତି - ୨୦୨୦ ୧୪
- ରାସ୍ତା କଡ଼ର ଦେବତା ୧୬

  ଶରୀର (ସଂସାର) ବୃକ୍ଷରେ ଦୁଇଟି ପକ୍ଷୀ ୧୭
- ୧୮


## କବିତା ପସରା


- ❖ ମାସର ନାମ ମାର୍ଗଶିର ୧୯
- ❖ ମୋ ବିଦ୍ୟାଳୟ ମୋ ଗୌରବ ୧୯
- ❖ ଶିକ୍ଷାର ନବ ଦିଗନ୍ତ ୨୦
- ❖ ଆମକୁ ଶାସନ ଆମେ କରିଲୁ ୨୦
- ❖ ଅତ୍ମନିର୍ଭର ଭାରତ ୨୧
- ❖ ଧନୁଯାତ୍ରା ୨୧
- ❖ କରିବି ସ୍ୱଦେଶୀ ବେଭାର ୨୨
- ❖ ଆସିଲାରେ ଶୀତ ଆସିଲା ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ନୂତନ ଜାତୀୟ ଶିକ୍ଷା ନୀତିରେ ପ୍ରାଥମିକ ଶିକ୍ଷା ୨୫
- ଗଣପର୍ବ ମକର ସଂକ୍ରାନ୍ତି ୨୮
- ଭାରତର ବିଶ୍ୱାସ, ଉତ୍କଳ ନିଃଶ୍ୱାସ...... ୩୦
- ବର୍ଗ ୩୨
- କୋରୋନା ଭାଇରସ୍‌ର ଇତିକଥା ୩୪
- ଆୟୁର୍ବେଦରେ ସଜନା ୩୬
- ବକାସନ ୩୮
- ସମ୍ଭାଷଣାଭ୍ୟାସଃ ୩୯
- ଆମ ପ୍ରଶ୍ନ ତୁମ ଉତ୍ତର ୪୦


## ମଥାନତ ତା'ର ପାଖେ

*ଶ୍ରୀ ମହେନ୍ଦ୍ରକୁମାର ଘଡ଼େଇ*

ମଗୁଶିର ମାସର ମାଣବସା
ମାଆ ମନେ ଭରି ଦିଅଇ ଆଶା
ପ୍ରଥମା ଅଷ୍ଟମୀ ପାଳି
ଧନୁ ସଂକରାନ୍ତି ଗୀତା ଜୟନ୍ତୀରେ
ଦିଅଁ ପଦେ କରୁ ଅଳି ।

ବିବେକାନନ୍ଦ ନେତାଜୀର ଜନ୍ମ
ମକର ମିଳନେ ଗୁଡ଼ିରେ ମନ
ସାଧାରଣତନ୍ତ୍ର ଦିନ
ଜାତି ନନ୍ଦିଘୋଷ ବାହି ନେବା ପାଇଁ
କହୁ ଦେବୁ ଦେହ ମନ ।

ବହଳ କୁହୁଡ଼ି କଅଁଳ ଖରା
କାଲୁଆ ପବନ ଶୀତ ପସରା
ଋତୁ ଚକ ଆଣି ଆସେ
ପୁଷ ଅଭିଷେକ ଗାନ୍ଧୀ ଶ୍ରାଦ୍ଧ ସଭା
ମଥାନତ ତା'ର ପାଶେ ।

*ସମ୍ପାଦକ*

## ରୋକ୍‌ଠୋକ୍



ଅଖଣ୍ଡ ଭାରତ ବୈରେଖ ଉଡ଼ାଉ
ସୁବିଶାଳ ଯଶ କୀର୍ତ୍ତିରେ
ଗୁଣ୍ଡୁଚି ପରିକା ବିନ୍ଦୁ ଦାନେ ସିନ୍ଧୁ
ବଳେ ଗଢୁ ରାମ ମୂର୍ତ୍ତିରେ
ସବୁ ପରିପାଟୀ ଭିତରେ
ବିଶାଳ ସୁନ୍ଦର ମନ୍ଦିର ଥାପିବୁ
ତା'ଚରଣେ ଦେଇ ଚିତ୍ତରେ ।

ସମ୍ପାଦକୀୟ

# ମୋ ସ୍କୁଲ ମୋ ପାଇଁ ଗର୍ବ



ନିଜ ଚେତନ ଶକ୍ତିକୁ ଜାଗରଣ କରି ଆଗାମୀ କାଲିର ଶୁଭ ସକାଳକୁ ଦେଖି ପାରୁଥିବା ସଂଖ୍ୟା ଖୁବ୍ କମ୍ । ସେହି କମ୍ ସଂଖ୍ୟକ ଲୋକଙ୍କ ଦ୍ୱାରା ବିଶାଳ ପଥ । ଯେଉଁ ପଥରେ ତାଙ୍କ ପାଦ ଚିହ୍ନ ସୁସ୍ପଷ୍ଟ ଭାବରେ ଅନ୍ୟମାନଙ୍କୁ ଆକର୍ଷିତ କରି ସେହି ପଥରେ ଚାଲିବା ପାଇଁ ଅନୁଗାମୀ କରାଏ । ବତୀଘର ଭଳି ବାଟ ଦେଖାଇ ପଥିକଙ୍କ ପାଇଁ ଦିଗବାରେଣୀ ହୁଏ । ଏଥିପାଇଁ ସେ କେବେ କାହାରି ପାଖରେ ପ୍ରତିଦାନର ଆଶା ରଖେ ନାହିଁ । ବରଂ କର୍ତ୍ତବ୍ୟ ଜୀବନର ବ୍ରତ ଭାବି ତା'ର ପରିପୂରଣ ପାଇଁ ଲାଗିପଡ଼େ । ଯେମିତି ଗୌତମ ବୁଦ୍ଧ କହିଥିଲେ, 'ମନୁଷ୍ୟର କାର୍ଯ୍ୟ ହେଉଛି ନିଜର କାର୍ଯ୍ୟକୁ ଆବିଷ୍କାର କରିବା ଏବଂ ତା' ପରେ ମନପ୍ରାଣ ଲଗାଇ ସେହି କାର୍ଯ୍ୟକୁ ସମ୍ପାଦନ କରିବା ।' ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କର ସେହି ଧ୍ୟେୟ ବାକ୍ୟ ଢେର ମନେ ପଡ଼େ, 'ଅନ୍ୟମାନଙ୍କ ସ୍ୱରରେ ସ୍ୱର ମିଳାଇବା ଖୁବ୍ ସହଜ । ନିଜର ସ୍ୱର ଉତ୍ତୋଳନ କରିବା ନିମନ୍ତେ ସାହସର ଆବଶ୍ୟକତା ରହିଛି ।'

ସ୍ରୋତର ଅନୁକୂଳ ଦିଗରେ ତ ଶବଟିଏ ବି ଭାସିଯିବ । କିନ୍ତୁ ପ୍ରତିକୂଳ ଦିଗରେ ଆଗକୁ ଯିବା ତ ପୁରୁଷାର୍ଥର କାମ । ସବୁ ବାଧାବନ୍ଧନକୁ ପଛରେ ପକାଇ ନିର୍ମାଣ କାମରେ ଯୋଡ଼ି ହୋଇ ରହିବା ହେଉଛି ପରମ ବୈଭବଶାଳୀ ରାଷ୍ଟ୍ର ଗଠନର ମୂଳ ଉତ୍ସ । ଏଥିପାଇଁ ଆତ୍ମବିଶ୍ୱାସ ଏକାନ୍ତ ଲୋଡ଼ା । ଏହି ପରିପ୍ରେକ୍ଷୀରେ ହରିବଂଶ ରାୟ ବଚ୍ଚନଙ୍କ ସେହି କାଳଜୟୀ ପଂକ୍ତିଟି ମନକୁ ଆସିଯାଏ;

ନାଶ କେ ଦୁଃଖ ସେ କଭି
ଦବତା ନହିଁ ନିର୍ମାଣ କା ସୁଖ ।
ପ୍ରଳୟ କୀ ନିସ୍ତବ୍ଧତା ସେ
ସୃଷ୍ଟି କା ନବ ଗାନ ଫିର୍-ଫିର୍ ।
ନୀଡ଼ କା ନିର୍ମାଣ ଫିର୍-ଫିର୍
ନେହ କା ଆହ୍ୱାନ ଫିର୍-ଫିର୍ ।

ମୁଁ ଯାହା ଉପଭୋଗ କରୁଛି ବା ଯାହା ମୋ ସେବାରେ ଲାଗୁଛି ସେସବୁ ପ୍ରକୃତି ବା ମୋ ପୂର୍ବଜ ମୋତେ ଉତ୍ତରାଧିକାରୀ ସୂତ୍ରରେ ଅକୁଣ୍ଠ ଚିତ୍ତରେ ଦାନ ଦେଇଛନ୍ତି । ସେମାନେ ସେମାନଙ୍କର କର୍ତ୍ତବ୍ୟ କରିଛନ୍ତି ବୋଲି ନ ଭାବି ସେମାନଙ୍କ ତ୍ୟାଗ ତପସ୍ୟା, ସେବା ସମର୍ପଣ, ବଳିଦାନର ପ୍ରତିଛବି ଯଦି ମୋ ମନ ଭିତରେ ଛାପେଁ ଆଙ୍କି ହୋଇ ମୋତେ ପ୍ରଭାବିତ କଲା, ତେବେ ତାହା ସେମାନଙ୍କ ପାଇଁ ଉପଯୁକ୍ତ ସମ୍ମାନ ହେବ । ଏଭଳି ସମ୍ମାନ ଇହକାଳ ହେଉ କି ପରକାଳ କେବଳ ସର୍ଜନଶୀଳ ସ୍ରଷ୍ଟାଙ୍କୁ ହିଁ ମିଳିଥାଏ । ଯେମିତ କାଳଜୟୀ ସ୍ରଷ୍ଟା ବୈଷ୍ଣବ ପାଣିଙ୍କର ପଂକ୍ତି ଥିଲା ;

ଯାହା କରିଗଲେ ଭାବିବ ଦୁନିଆ
ତାହା ଯାଉଥାଆ କରି
ମରିଗଲା ପରେ ଦୁନିଆ ଭାବିବ
ନୟନୁ ବୁହାଇ ବାରି ।

କେବଳ ମୋତେ କାହିଁକି ଆମ ସମସ୍ତଙ୍କୁ ଦିଶା ଦର୍ଶନ କରାଇ ଆଗକୁ ବାଟ କଢ଼ାଇ ନେଉଥିବା ମାଟି ବୈକୁଣ୍ଠର ସେହି ସ୍ମୃତିପୀଠ, ଯାହା ଜନ୍ମ ଜନ୍ମାନ୍ତରରେ ଆମ ସମସ୍ତଙ୍କ ବିସ୍ମୃତିର ସାଇତା ସମ୍ବଳ ହୋଇ ରହିବ; ଏଥିରେ ସନ୍ଦେହ ନାହିଁ । ମୁଁ, ମୋ ପୁଅ, ନାତି ଏମିତି କେତେ ପିଢ଼ିଙ୍କ ସିଏ ଖଡ଼ିଛୁଆଁ କରି ଭାଗ୍ୟ ନିଅନ୍ତା

ଧନ କାର୍ପଣ୍ୟ ସେବାଫଳେ । କିବା ଅସାଧ ମହୀତଳେ ।।

ସାଜିବ । ଯାହାକୁ ଲକ୍ଷ୍ୟ କରି କାଳିନ୍ଦୀଚରଣ ପାଣିଗ୍ରାହୀ ଲେଖିଥିଲେ,

ମନ୍ଦିର ସମାନ ଗ୍ରାମ ଚାଟଶାଳୀ
ସବୁ ସ୍ମୃତି ପରେ ଟେକିଛି ମଥା
ପଢ଼ିଥିଲି ଯହିଁ ପ୍ରଥମ ଅକ୍ଷର
ଶିଖିଥିଲି ଯହିଁ ପ୍ରଥମ କଥା ।

ଝାଟିମାଟି କାନ୍ଥରେ ନଡ଼ା ଛପର ହେଉ କି ଧାଉଡ଼ିଆ ଖପର, ଟିଣ କି ସମସ୍ତ ଶିକ୍ଷଣ ସାମଗ୍ରୀକୁ ଉପଲବ୍ଧ କରାଇ ସୁଦୃଶ୍ୟ ଅଟ୍ଟାଳିକାର ଭିନ୍ନ ଭିନ୍ନ ନାଆଁ ଯଥା - ଚାହାଳି, ବିଦ୍ୟାଳୟ, ଶିକ୍ଷା ନିକେତନ, ଶିଶୁ ମନ୍ଦିର ଧାରଣ କରିଥିଲେ ବି ପୁଣ୍ୟ ପୀଠ ଭିତରେ ସେ ସବୁ ଶ୍ରେଷ୍ଠତମ ସ୍ଥାନ ଅଧିକାର କରିବସିଛି ।

ସାଧନା ଓ ସିଦ୍ଧିର ଆଦିପୀଠ ଭାବରେ ସିଏ ଅନେକ ମାଟି ପିଣ୍ଡୁଳାକୁ ଦୋଷଶୂନ୍ୟ ସୁନ୍ଦର ମୂର୍ତ୍ତି ରୂପ ଦେଇ ସଂସାରର ବଡ଼ ଦାଣ୍ଡରେ ପୂଜା ଯୋଗ୍ୟ କରିପାରିଛି । ସେଥିପାଇଁ ମୋ ବିଦ୍ୟାଳୟ, ମୋ ପାଇଁ ଗର୍ବ ।

କାହାର ଶ୍ରମ, ସମୟ, ଶକ୍ତି ଓ ଶ୍ରଦ୍ଧାରେ ଗଢ଼ି ଉଠିଥିବା ମୋ ବିଦ୍ୟାଳୟ ପାଇଁ ଯେଉଁମାନେ ନିଜ ଶରୀର ମନ ଓ ଧନକୁ ଅକୁଣ୍ଠ ଚିତ୍ତରେ ଅର୍ପଣ କରିଛନ୍ତି ନିଜର ଲୁହଲହୁକୁ ନିଗାଡ଼ି ଦେଖିଥିବା ସ୍ୱପ୍ନ ପାଖରେ ଆମକୁ ପହଞ୍ଚାଇଛନ୍ତି, ସେହିମାନଙ୍କର ଏହି ଉତ୍ସର୍ଗୀକୃତ ଭାବନାକୁ ଦେଖି ଦାର୍ଶନିକ ରାଣ୍ଡାଲି ଜି. ଲିଗଟନ୍ କହିଛନ୍ତି - 'କାମ କର ଯେପରି ତୁମେ ଅର୍ଥ ପାଇଁ ଲାଳାୟିତ ନୁହଁ ।'

ମାଟି, ମାଆ ଆଉ ମାତୃଭୂମିର ଋଣ ପରି ମୋ ସ୍କୁଲର ଋଣ ବି ଢେର ଅଧିକ । ତାକୁ କେହି କେବେ କ'ଣ ଭୁଲି ପାରିଛି ? ଏହି ସ୍ୱୀକାରୋକ୍ତି ହିଁ ତା' ସାର୍ଥକତାର ବାସ୍ତବ ସମର୍ପଣ । ସେହିଭଳି ଅଙ୍ଗୀକାରବଦ୍ଧତାକୁ ଦୃଷ୍ଟିରେ ରଖି ବିଦ୍ୟା ଭାରତୀ ଭିନ୍ନ ଭିନ୍ନ ବାଟିକାର ସଂଗୃହୀତ ସୁଗନ୍ଧି ପୁଷ୍ପଗୁଡ଼ିକୁ ତୋଳି ଧରି ମାଳାଟିଏ ଗଢ଼ିବାର ପରିକଳ୍ପନା କରିଛି । 'ଛାତ୍ର ଶକ୍ତି, ରାଷ୍ଟ୍ର ଶକ୍ତି' ଭାବରେ ସର୍ବବୃହତ ଛାତ୍ର ସଂଗଠନଟିଏ ଜାଗ୍ରତ ପ୍ରହରୀ କରି ସଜେଇଛି । ସେହି ରାଷ୍ଟ୍ର ପ୍ରହରିଗଣ ଦେଶ ମାତୃକାର ସେବାରେ ସଂକଳ୍ପବଦ୍ଧ ହୋଇ ଅମଳିନ ଯଶକୀର୍ତ୍ତିର ସେନା ସାଜିବାକୁ ଆହ୍ୱାନ ଦେଇଛି । ତେବେ ସେ ଡାକରା ଶୁଣି ଆସନ୍ତୁ ନା ସାରଥି ସାଜି ଏହି ଜୟଯାତ୍ରାକୁ ଆଗେଇ ନେବା ।

ଆଉ ଡେରି କାହିଁକି ? ପ୍ରତିବନ୍ଧକ ଭିତରେ ଶକ୍ତି ସଞ୍ଚୟ କରି କାମରେ ଲାଗିପଡ଼ିବା । ଏହି ପରିପ୍ରେକ୍ଷୀରେ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କର ଏହି କଥାଟି ମନେ ପଡ଼ିଯାଏ; 'ବର୍ଷା ହେବା ସମୟରେ ସବୁ ପକ୍ଷୀ ଆଶ୍ରୟ ନିଅନ୍ତି, କିନ୍ତୁ ବାଦଲ ଉପରେ ଛଞ୍ଚାଣ ହିଁ ମେଘକୁ ଏଡ଼ାଇ ଆଗକୁ ଯାଏ ।'

ଆହୁରି ମଧ୍ୟ ଡକ୍ଟର କଲାମ କହିଛନ୍ତି - 'ଅପେକ୍ଷା କରି ରହିଥିବା ଲୋକଙ୍କୁ କେବଳ ସେତିକି ମିଳିଥାଏ ଚେଷ୍ଟା କରୁଥିବା ଲୋକ ଯେତିକି ଛାଡ଼ି ଯାଇଥାନ୍ତି ।'

ତେବେ ନିଷ୍ପତ୍ତି ଆମ ଉପରେ .............

**ନୀତିଶ୍ଳୋକ**

**ଦାରିଦ୍ର୍ୟାଦ୍ଧ୍ରିୟମେତି ହ୍ରୀପରିଗତଃ ପ୍ରଭଶ୍ୟତେ ତେଜସୋ**
**ନିସ୍ତେଜାଃ ପରିଭୂୟତେ ପରିଭାବାନ୍ନିର୍ବେଦ ମାପଦ୍ୟତେ ।**
**ନିର୍ବିଣ୍ଣଃ ଶୁଚମେତି ଶୋକପିହିତୋ ବୁଦ୍ଧ୍ୟା ପରିତ୍ୟଜ୍ୟତେ**
**ନିବୁଦ୍ଧିଃ କ୍ଷୟମେତ୍ୟହୋ ଅଧନତା ସର୍ବାପଦାମାସ୍ପଦମ୍ ॥**

**ଦରିଦ୍ରତାରୁ ଲଜ୍ଜା ସଙ୍କୋଚ ଜାତ ହୁଏ । ଲଜ୍ଜାଗ୍ରସ୍ତ ତେଜହୀନ ହୁଏ । ତେଜୋହୀନ ବ୍ୟକ୍ତି ଅପମାନିତ ହୁଏ । ଅପମାନରୁ ନିର୍ବେଦଭାବ ଜାତ ହୁଏ । ନିର୍ବେଦ ଭାବରୁ ଶୋକ ଜାତ ହୁଏ । ଶୋକାବିଷ୍ଟ ପୁରୁଷର ବୁଦ୍ଧି କ୍ଷୟ ହୁଏ । ବୁଦ୍ଧିହୀନ ବିନାଶ ଲାଭ କରେ । ଅହୋ! ନିର୍ଦ୍ଧନତାହିଁ ସମସ୍ତ ବିପତ୍ତିର କାରଣ ।**

ଆତ୍ମା କୁଶଳେ ସର୍ବ ସିଦ୍ଧି । ତରଇ ସଂସାର ଜଳଧି ॥

ଚିନ୍ତା ଚେତନା

# ରାଷ୍ଟ୍ର ପାଇଁ କୃଷି ଓ କୃଷକ - ସୈନିକ

*ଶ୍ରୀ ଶିବ ପ୍ରସାଦ ବାହିନୀପତି*

ପ୍ରତ୍ୟେକ ମଣିଷମାନଙ୍କର ଚଳିବା ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯେପରି ନିତାନ୍ତ ଆବଶ୍ୟକ ସେମିତି ପ୍ରତ୍ୟେକ ରାଷ୍ଟ୍ର ପାଇଁ କୃଷକ ଓ ସୈନିକର ଆବଶ୍ୟକତା ନିହାତି ରହିଛି । ବାସଗୃହ ତ ପୂରା ରାଷ୍ଟ୍ରଟା ପଡ଼ିଛି, କିନ୍ତୁ ତା'ର ତତ୍ତ୍ୱାବଧାରକ ଏବଂ ବଞ୍ଚିବା ପାଇଁ ଖାଦ୍ୟ ଉତ୍ପାଦକ ନ ରହିଲେ ରାଷ୍ଟ୍ରର ସ୍ଥିତି ଅସମ୍ଭବ । ତେଣୁ ରାଷ୍ଟ୍ର ପାଇଁ ଏ ଦୁଇ ବ୍ୟକ୍ତି ନିତାନ୍ତ ଆବଶ୍ୟକ ମନେ ହୁଏ । ଆସନ୍ତୁ ଏହି ତିନୋଟି ଜିନିଷ ଉପରେ ଟିକେ ସମ୍ୟକ୍ ଆଲୋଚନା କରିବା ।

ପ୍ରଥମେ ବିଚାରକୁ ନେବା ଖାଦ୍ୟ, ଯାହା ମଣିଷ ପାଇଁ ନିହାତି ଭାବେ ଦରକାର । ପୁରାଣର ଏକ ଉକ୍ତି ମନେପଡ଼େ –

ଅନ୍ନ ବିହୁନେ ହଂସ ହାନି
ଯୋଗ ସାଧିବି କାହା ଘେନି ।

ଏହି ପଦ୍ୟଟି ପ୍ରାଣୀ ପାଇଁ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ କଥା ସୂଚାଇଥାଏ । ପ୍ରତ୍ୟେକ ପ୍ରାଣୀ ପାଇଁ ଖାଦ୍ୟ ଅପରିହାର୍ଯ୍ୟ । ଯଦି ପ୍ରଶ୍ନ ଆସେ 'ମଣିଷ ଖାଇବା ପାଇଁ ବଞ୍ଚେ କି ବଞ୍ଚିବା ପାଇଁ ଖାଏ ?' ତେବେ ମୁଁ କହିବି ମଣିଷ ବଞ୍ଚିବା ପାଇଁ ହିଁ ଖାଏ । ଆହାର ନ ଖାଇଲେ ମଣିଷ କ'ଣ କୌଣସି ଜୀବଜଗତ ବି ତିଷ୍ଠିପାରିବ ନାହିଁ । ନିଜ ଜୀବନ ଧାରଣ ପାଇଁ ମଣିଷଙ୍କୁ କାହାରି ନା କାହରି ଉପରେ ନିର୍ଭର କରିବାକୁ ପଡ଼େ, ସେ ହେଉଛି ଖାଦ୍ୟ । ଇତିହାସ କହେ ମଣିଷ ପୂର୍ବେ ଯେବେ ବନବାସୀ ଥିଲା ସେବେ ମାଂସାହାରୀ ଥିଲା । କାରଣ ଶସ୍ୟ ଉତ୍ପାଦନର ପ୍ରଣାଳୀ ତାକୁ ଜଣା ନ ଥିଲା । ଏବେ କିନ୍ତୁ ସବୁ ଜାଣିବା ପରେ 'କର୍ମମୟ ଜୀବନ କର୍ମରେ ବିଲୀନ' ନୀତି ଅନୁସରଣରେ କାଳାତିପାତ କରୁଛି ।

ଖାଦ୍ୟ ଖାଇବାକୁ ହେଲେ ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ । ତେଣୁ କୃଷି ହେଉଛି ତା'ର ମାଧ୍ୟମ । କୃଷିକାର୍ଯ୍ୟକୁ ଅଣଦେଖା କରିବା ଅର୍ଥ କ୍ଷୁଧା ଯନ୍ତ୍ରଣାରେ ଆଉଟୁ ପାଉଟୁ ହୋଇ ପ୍ରାଣ ବିସର୍ଜିବା ସହିତ ସମାନ । ତେଣୁ ଏଠି କୃଷିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଜିକା ଦୁନିଆରେ ଖାଦ୍ୟ ସଂକଟ ବହୁଳ ମାତ୍ରାରେ ପରିଲକ୍ଷିତ । ଏହାର କାରଣ ଅନେକ ଥିଲେ ବି ମୁଖ୍ୟତଃ କୃଷିକାର୍ଯ୍ୟ ଉପରୁ ଆଖି ଫେରାଇ ନେବାଟା ପ୍ରଧାନ କାରଣ । ଖାଦ୍ୟ ସମସ୍ୟା ସୃଷ୍ଟି ହୁଏ କେବଳ ଏହି କାରଣରୁ । ଆଉ ଏକ କାରଣ ହେଲା ଜନସଂଖ୍ୟା ବୃଦ୍ଧି । ଯେତିକି ପରିମାଣରେ ଜନସଂଖ୍ୟାରେ ବୃଦ୍ଧି ଘଟୁଛି, ସେତିକି ପରିମାଣରେ ତାଙ୍କର ଆବାସସ୍ଥଳୀରେ ବୃଦ୍ଧି ଘଟୁଛି, ଫଳତଃ ଚାଷ ଜମିର ପରିମାଣ ହ୍ରାସ ପାଉଛି । ଚାଷ ଜମିର ଅଭାବରୁ କୃଷି କାର୍ଯ୍ୟରେ ବ୍ୟାଘାତ ଅର୍ଥାତ୍ କୃଷିଜାତ ଦ୍ରବ୍ୟର ପରିମାଣ ହ୍ରାସ ପାଉଛି । ଚାଷ ଜମି ତ ନାହିଁ କୃଷି କରିବେ କେଉଁଠି ? ତେଣୁ ସମସ୍ତେ କୃଷିରୁ ବିରତ ହୋଇ ବିଭିନ୍ନ ପ୍ରକାରର ବଣିଜ ଓ ଚାକିରି କ୍ଷେତ୍ରରେ ନିୟୋଜିତ ହେଉଛନ୍ତି । କୃଷକଙ୍କ ସଂଖ୍ୟା ଏବେ କମିବାରେ ଲାଗିଛି । କୃଷିଜାତ ଦ୍ରବ୍ୟ ହ୍ରାସର ଆଉ ଏକ କାରଣ ହେଲା ରାସାୟନିକ ସାରର ପ୍ରୟୋଗ । ସେତେବେଳେର ଜୈବିକ ସାର ଓ କମ୍ପୋଷ୍ଟ ଖତ ଆଉ ନାହିଁ । ବିଷାକ୍ତ ହୋଇସାରିଛି ମାଟି । ଏବେ ଖାଦ୍ୟ ନାମରେ ବିଷଗୁଡ଼ାକୁ ଭୋକ ବିକଳରେ ଗିଳିବା ପାଇଁ ପଡୁଛି । ମାଟି ଏତେ ବିଷାକ୍ତ ହୋଇଯାଇଛି ଯେ ସେଥିରେ ଆଉ ଅଙ୍କୁରୋଦ୍ଗମ୍ ଠିକ୍ ଭାବରେ ହେଉନାହିଁ । ଯେଉଁ ମାଟିରେ ମହଣ ମହଣ ସୁନା ମିଳି ପାରୁଥିଲା ଏବେ ସେ ମାଟିରେ କେବଳ ବିଷ ଫଳ ହିଁ ଫଳୁଛି । କୃଷିଜାତ ଦ୍ରବ୍ୟର ପରିମାଣ ହ୍ରାସ ହେତୁ ଦରଦାମ୍ ବି ଆକାଶ ଛୁଆଁ । ଧନିକ ତ ମୁଣ୍ଡ ବୁଲାଇ ପଡୁଛି; ନିର୍ଦ୍ଧନ କଥା କହିଲେ ନ ସରେ । ଏସବୁ ପରେ ସରକାରଙ୍କ ଅନ୍ତର୍ଦ୍ଦୟ ଅନ୍ନ ଯୋଜନା' ବାଆକୁ ବତା । ଟଙ୍କିକିଆ ଚାଉଳର କରାମତି କୃଷି ମାରଣ ପାଇଁ ବେଶ୍ ଉପଯୋଗୀ । ଟଙ୍କିକିଆ ଚାଉଳ ପାଇଁ ତ ଲୋକେ ଚାଷ ନ କରି ଘରେ ବସି ଖାଇବାର ସୁଯୋଗକୁ ହାତଛଡ଼ା କରୁନାହାନ୍ତି । ମୂଲ ମଜୁରୀ କରିବାକୁ ଜଣେ ବି କେହି ଇଚ୍ଛୁକ ନୁହଁନ୍ତି ।

ଏସବୁ ସତ୍ତ୍ୱେ ଏବେ ସରକାର କୃଷିକୁ ଦୃଷ୍ଟିରେ ରଖି ବିଭିନ୍ନ ଯୋଜନା ଲାଗୁ କରିଛନ୍ତି ସତ, ହେଲେ ସବୁ ଯୋଜନା ଫଳବତୀ ହୋଇପାରୁ ନାହିଁ । ହାଣ୍ଡିଏ ଅମୃତରେ ଟୋପାଏ ବିଷ ଖସିପଡ଼ିଲେ ଯେମିତି ହାଣ୍ଡିକ ଅମୃତ ତତ୍‌କ୍ଷଣାତ ବିଷ ପାଲଟିଯାଏ ଠିକ୍ ସେମିତି ମାଟି ଗର୍ଭରେ ମୋଟା ଆକାରର ବିଷର ଚଟାଣ । ଜନସଂଖ୍ୟା ବି ନିୟନ୍ତ୍ରିତ ହୋଇପାରୁ ନାହିଁ । ଚାଷ ଜମି ଏପରିକି ମଶାଣି ଭୂଇଁ ବି ନିବାସସ୍ଥଳୀରେ ପରିଣତ । ବହୁ ସମସ୍ୟାର ଘେରରେ କୃଷି ଓ କୃଷକ । ନୀତି ନିର୍ଦ୍ଧାରକ ଓ କୃଷି ବିଶେଷଜ୍ଞମାନେ ଅନେକ ସମୟ କୃଷକ ଅପେକ୍ଷା କୃଷିକ୍ଷେତ୍ର ଉପରେ ଦୃଷ୍ଟି ନିକ୍ଷେପ କରିଥାଆନ୍ତି । ଜମି ଓ ଜଳ ଉତ୍ପାଦନ ବୃଦ୍ଧି ହେତୁ ଚାଷକାର୍ଯ୍ୟ କିଛି ପରିମାଣରେ ଚାଲିଛି । କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ । ସମୁଦ୍ରକୁ ଶଙ୍ଖେ କହିଲେ କିଛି ଅତ୍ୟୁକ୍ତି ହେବନି । କେବଳ ଚାଷୀ ଓ ତା'ର ପରିବାରର କଲ୍ୟାଣ ସାଧନ କରିବ; କିନ୍ତୁ ଚାଷୀ ପ୍ରତି ଉଦାସୀନ ରହି ଜନ କଲ୍ୟାଣରେ ଲାଗିପାରିବ ନାହିଁ । କୃଷି ସମ୍ପଦ କୃଷି ଉପରେ ନିର୍ଭରଶୀଳ ହୋଇ ଜୀବିକା ନିର୍ବାହ କରୁଥିବା ପ୍ରତ୍ୟେକଙ୍କୁ ପ୍ରଭାବିତ କରେ । ଏଥିରୁ ଜଣାଯାଉଛି ରାଷ୍ଟ୍ର ପାଇଁ କୃଷି ଓ କୃଷକର ଆବଶ୍ୟକତା କେତେ ଅପରିହାର୍ଯ୍ୟ । ଖାଦ୍ୟ ଏବଂ ବସ୍ତ୍ର ଏ ଦୁଇଟି କୃଷି କାର୍ଯ୍ୟଦ୍ୱାରା ହିଁ ସମ୍ଭବ । ତେଣୁ ଏଠାରେ କୃଷକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ଏବେ ଆଉ ଏକ ଦିଗକୁ ଦୃଷ୍ଟି ଦେବା ଉଚିତ ତାହା ହେଉଛି ବାସଗୃହ । ପ୍ରତ୍ୟେକ ରାଷ୍ଟ୍ର ବାସିନ୍ଦାଙ୍କ ପାଇଁ ନିଜ ନିଜର ରାଷ୍ଟ୍ର ତାଙ୍କର ବାସଗୃହ ଏବଂ ରାଷ୍ଟ୍ରର ବାସିନ୍ଦାମାନେ ଗୋଟିଏ ପରିବାର ଅଟନ୍ତି । ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଯେପରି ପରିବାରର ପ୍ରତ୍ୟେକ ସଦସ୍ୟ ତତ୍ପର ଥାନ୍ତି, ଠିକ୍ ସେହିପରି ରାଷ୍ଟ୍ରକୁ ସୁରକ୍ଷିତ ରଖିବାକୁ ସୈନିକମାନେ ସଦାସର୍ବଦା ତତ୍ପର ଥାଆନ୍ତି । ମୁଣ୍ଡ ଝାଳ ତୁଣ୍ଡେ ମାରି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଅଗମ୍ୟ ପଥରେ ଜୀବନକୁ ପାଣି ଛଡ଼େଇ ନିଜ ପରିବାର ରୂପୀ ରାଷ୍ଟ୍ରକୁ ସୁରକ୍ଷାର ବଳୟ ଭିତରେ ବେଷ୍ଟନ କରି ରଖିଛନ୍ତି । ଦୁଷ୍ଟ ଶକ୍ତିର ନିପାତ କରିବାକୁ ଯାଇ କେତେବେଳେ ପରିବାରର ଦୃଷ୍ଟି ଆଢୁଆଳରେ ବିଲୀନ ହୋଇଯାଇଛନ୍ତି ତ କେତେବେଳେ ବିଜୟର ତିଳକ ଧାରଣ କରି ପରିବାର ପାଇଁ ଆଣି ଦେଇଛନ୍ତି ଅହେତୁକ ଆନନ୍ଦ । ନିଜର ବାପା-ମାଆ-ଭାଇ-ଭଉଣୀ ଆଉ ସାଙ୍ଗସାଥୀ ଓ ଆତ୍ମୀୟ ସ୍ୱଜନଙ୍କ ଠାରୁ ଦୂରେଇ ରହି ସାରା ରାଷ୍ଟ୍ରର ସୁରକ୍ଷାରେ ତିଳ ତିଳ କରି ଦହି ଚାଲିଛନ୍ତି ନିଜ ଜୀବନକୁ । ଉତ୍କଳମଣି ଗୋପବନ୍ଧୁଙ୍କ ଏକ ଉକ୍ତି ମନେ ପଡ଼େ । ଯେତେବେଳେ ତାଙ୍କର ଏକମାତ୍ର ପୁଅକୁ ଜ୍ୱର ହୋଇଥାଏ ସେତେବେଳେ ବନ୍ୟା ଘେରରେ ପ୍ରପୀଡ଼ିତ ଜନତାଙ୍କୁ ସାହାଯ୍ୟ ଓ ସହଯୋଗର ହାତ ପ୍ରସାରିବା ପାଇଁ ଘରୁ ବାହାରି ଯାଆନ୍ତି ଗୋପବନ୍ଧୁ । ସ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ କହନ୍ତି, 'କୋଟିଏ ପୁତ୍ରଙ୍କର ପ୍ରାଣ ସଙ୍କଟରେ, ଗୋଟିଏ ପୁତ୍ରକୁ ଚାହିଁଲାବେଳକୁ କୋଟିଏ ପ୍ରାଣ ଅକାଳରେ ଚାଲିଯିବ ।' ଠିକ୍ ସେମିତି ଏହି ସୀମା ସୁରକ୍ଷାକାରୀ ଅର୍ଥାତ୍ ରାଷ୍ଟ୍ରର ରକ୍ଷକ ଜଣେ ଜଣେ ଗୋପବନ୍ଧୁ ନୁହଁନ୍ତି କି ? ନିଜର ଆତ୍ମୀୟ ସ୍ୱଜନଙ୍କ ବଳି ପକାଇ ରାଷ୍ଟ୍ର ଜନତାଙ୍କ ପାଇଁ ଜୀବନୋତ୍ସର୍ଗ କରି ଚାଲିଛନ୍ତି । ସେ ରାଷ୍ଟ୍ର ମଣି ନୁହଁନ୍ତି କି ?

ମାଟିର ଶରୀରକୁ ମାଟି କରି ଦେହର ସ୍ୱେଦ ନିର୍ଝରକୁ ଦେହରେ ବିଲୀନ କରି ଖରା, ବର୍ଷା ଓ ଶୀତର ପ୍ରକୋପ ସହି ଫସଲ ଉପୁଜାଉଥିବା ଚାଷୀ ଏବଂ ରକ୍ତକୁ ପାଣି ଫଟାଇ, ଦୁର୍ଗମ ପଥର ଯାତ୍ରୀ ସାଜି, ନିଜର ହସ ଖୁସିକୁ ନିଜ ହାତରେ ଜଳାଞ୍ଜଳି ଦେଇ ଜୀବନକୁ ବିପନ୍ନ କରି ଯେଉଁ କୃଷକ ଓ ସୈନିକ ଭାଇମାନେ ଆମକୁ ଖାଦ୍ୟ, ବସ୍ତ୍ର ଓ ସୁରକ୍ଷା ଯୋଗାଇ ଚାଲିଛନ୍ତି ସେମାନେ ଯୁଗେ ଯୁଗେ ଚିର ନମସ୍ୟ । ରାଷ୍ଟ୍ରର ପ୍ରଗତିରେ କାହାର କେତେ ଆବଶ୍ୟକତା ଥାଉ ନା କାହିଁକି କୃଷକ ଓ ସୈନିକର ଆବଶ୍ୟକତା ନିତାନ୍ତ ରହିଛି । ଧର୍ମ, ସତ୍ୟ ଓ ନ୍ୟାୟ ନିରପେକ୍ଷ କେବଳ ଏହି ବ୍ୟକ୍ତି ଦ୍ୱୟ । ଏହାଙ୍କ ଭୂମିକା ଅପରିହାର୍ଯ୍ୟ ।

*ଭାଟପଡ଼ା, ନିରାକାରପୁର,*
*କଣାସ, ପୁରୀ*

ଦୁଃଖେ ନ ଛାଡ଼ି ନିଜ ପଥ । ଚଞ୍ଚଳ ନ କରିବା ଚିତ୍ତ ।।

## ଗପ ଗଜରା

# ସାଥୀ ହେବ ତ ଏମିତି

*ବି. ନିରୁପମା*

ସ୍କୁଲରୁ ଫେରି ଜଳଖିଆ ଖାଇସାରି ଭାଇଭଉଣୀ ଦୁହେଁ ଘର ସାମନା ପଡ଼ିଆରେ ଖେଳୁଥାଆନ୍ତି । ବଲ୍ ଫୋପାଡ଼ି ଧାଁ ଦୌଡ଼ କରୁଥାନ୍ତି ରିଶାନ୍ ଆଉ ରିଦ୍ଧିମା । ଏମିତି ଖେଳୁଖେଳୁ ରିଶାନ୍ ଜୋରରେ ଫିଙ୍ଗିଦେବାରୁ ବଲ୍‌ଟି ଯାଇ ପଡ଼ିଲା ରାସ୍ତା ସେପାଖ ଅଧାଗଢ଼ା ଘର ପାଖରେ । ରିଦ୍ଧିମା ଦୌଡ଼ିଲା ବଲ ଆଣିବାକୁ । ବଲ୍ ଗୋଟାଉ ଗୋଟାଉ ଦେଖିଲା ସାମନାରେ ଦୁଇଟି ଛଉ ଛଉକା କୁନି କୁକୁର ଛୁଆ । ଜୁଳୁଜୁଳୁ କରି ଚାହିଁଛନ୍ତି ତା’ ଆଡ଼କୁ । ଭାଇକୁ ପାଖକୁ ଡାକିଲା ସିଏ ।

ଭାଇଭଉଣୀ ଦୁଇଜଣଙ୍କୁ ପାଖରେ ଦେଖି କୁକୁର ଛୁଆ ଦୁଇଟି ଡରିଗଲେ କି କ’ଣ, କୁଁ କୁଁ ହୋଇ ଘୁଞ୍ଚିଯାଇ ଗୋଟିଏ କୋଣରେ ଲୁଚିବାକୁ ଚେଷ୍ଟା କଲେ । କୌତୁକିଆ କୁକୁର ଛୁଆ ଦୁଇଟି ପିଲା ଦୁହିଁଙ୍କୁ ଭାରି ପସନ୍ଦ ଆସିଲେ । ରିଶାନ୍ ଗୋଟିଏ ଛୁଆକୁ ଦୁଇ ହାତରେ ଟେକି ଆଣିଲା । ରିଦ୍ଧିମା ବି ଅନ୍ୟ ଛୁଆଟିକୁ କୋଳେଇ ନେଇ ତା ମୁଲାୟମ୍ ଦେହକୁ ଆଉଁସିବାକୁ ଲାଗିଲା । ରିଦ୍ଧିମା କହିଲା, ‘ଭାଇ ! ଚାଲ ଏମାନଙ୍କୁ ଘରକୁ ନେବା ।’ ‘ଉହୁଁ । ଖାଲି ଘରକୁ ନେବାନି, ଘରେ ରଖି ପୋଷା ମନାଇବା’ ରିଶାନ୍ ଉତ୍ତର ଦେଲା । ପିଲାଙ୍କ ହାତରେ ଦୁଇଟି କୁନି କୁକୁର ଛୁଆ ଦେଖି ମାଆ ଆଶ୍ଚର୍ଯ୍ୟ ହେଲେ । ପଚାରିବାରୁ କୁକୁରକୁ ଘରେ ରଖିବାକୁ ଆଣିଛନ୍ତି ବୋଲି ବଡ଼ ଉତ୍ସାହରେ ଜଣାଇଲେ ।

ପିଲାଙ୍କ ଆଗ୍ରହ ଦେଖି ମାଆ ତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ, ‘କୁକୁର ଏକ ବିଶ୍ୱସ୍ତ ପ୍ରାଣୀ ବୋଲି ଆମେ ତାକୁ ଘରେ ରଖୁ । ହେଲେ ଏଇ କୁକୁରଛୁଆ ଦୁଇଟି ଅତି ସାନ ଅଛନ୍ତି । ମାଆ କ୍ଷୀର ବ୍ୟତୀତ ଅନ୍ୟ କିଛି ଖାଇବା ଶିଖି ନ ଥିବେ । ତେଣୁ ତାଙ୍କ ମାଆକୁ ଛାଡ଼ି ରହିବେ କେମିତି ? ପୁଣି ଛୋଟ ଛୁଆ, ଘର ଅଗଣା ଅସନା କରିବେ । ଏଠି ସେଠି ମୁହଁ ମାରିବେ । ମାଆ ବାପାଙ୍କ ଭୟ ଦେଖାଇ ଆହୁରି ବି କହିଲେ, ‘ତମେମାନେ ବାପାଙ୍କ କ୍ରୋଧ ତ ଦେଖିଛ, ଘରେ କୁକୁର ରଖିବ କହିଲେ ସେ ନିଶ୍ଚୟ ବିରକ୍ତ ହେବେ ।’ ବାପାଙ୍କ କ୍ରୋଧ କଥା ଚିନ୍ତା କରି ଅନିଚ୍ଛା ସତ୍ତ୍ୱେ ପିଲା ଦୁହେଁ କୁକୁର ଛୁଆକୁ ନେଇ ସେହି ଅଧାଗଢ଼ା ଘରେ ଛାଡ଼ି ଦେଇ ଆସିଲେ ।

କିଛିଦିନ ପରେ ମାଆ ଲକ୍ଷ୍ୟ କଲେ ଯେ ରିଶାନ୍ ଆଉ ରିଦ୍ଧିମା ତାଙ୍କୁ ଲୁଚି ଲୁଚି କୁକୁରଛୁଆଙ୍କ ସହ ଖେଳୁଛନ୍ତି । ଘରୁ ବିସ୍କୁଟ କେକ୍ ନେଇ ସେମାନଙ୍କୁ ଖୁଆଉଛନ୍ତି । କୁକୁରଛୁଆଙ୍କ ପ୍ରତି ପିଲାଙ୍କର ଏ ପ୍ରକାର ସ୍ନେହ ମମତା ଦେଖି ମାଆ ସେମାନଙ୍କ ପାଇଁ ପ୍ରତିଦିନ ଦୁଇପଟ ରୁଟିର ବ୍ୟବସ୍ଥା କରିଦେଲେ । ଏଥିସହ ଖେଳିବା ବେଳେ ସୋମନଙ୍କ ପ୍ରତି ସାବଧାନ ରହିବାକୁ ପିଲାଙ୍କୁ ସତର୍କ କରିଦେଲେ । ତା’ପରଠୁ ପିଲା ଦୁହେଁ ବରାବର ସେମାନଙ୍କ ସହ ଖେଳନ୍ତି ।

ସେମାନେ ଯେତେବେଳେ ସ୍କୁଲ ଯିବାକୁ ବାହାରନ୍ତି କୁକୁର ଛୁଆ ଦୁଇଟି ତାଙ୍କ ପଛେ ପଛେ ସ୍କୁଲ ବସ ପର୍ଯ୍ୟନ୍ତ ଛାଡ଼ିବାକୁ ଯାଆନ୍ତି । ପୁଣି ଫେରିବା ସମୟରେ ବସ୍ ପାଖକୁ ଦୌଡ଼ି ଆସି ତାଙ୍କ ଚାରିପାଖରେ ଦୁଇ ଘେରା ବୁଲି ଲାଞ୍ଜ ହଲାଇ ଘର ପର୍ଯ୍ୟନ୍ତ ପାଛୋଟି ଆଣନ୍ତି । ରିଶାନ୍‌ର ବାରଣକୁ ବୁଝିପାରି କେବେ ବି ଘର ଭିତରକୁ ପଶନ୍ତି ନାହିଁ । ପିଲାଏ ଘରୁ ଜଳଖିଆ ଖାଇ ବାହାରକୁ ବାହାରିବା ଯାଏଁ ଗେଟ୍ ପାଖରେ ଜଗି ବସନ୍ତି ।

ରିଶାନ୍ ଆଉ ରିଦ୍ଧିମା ଖାଇବାକୁ ଦେଲାବେଳେ ସେମାନେ ଉପରକୁ ଡେଇଁ ବିସ୍କୁଟ୍ ଧରିବାକୁ ଭଲ ପାଆନ୍ତି । ତୁ ତୁ କରି ଡାକିଦେଲେ ଲାଞ୍ଜ ହଲାଇ ପାଖକୁ ଦୌଡ଼ି ଆସି ତାଙ୍କ କୁନି ନରମ ଜିଭରେ ଚାଟି ପକାନ୍ତି । ଖେଳିବା ବେଳେ ବଲ ଦୂରକୁ ଚାଲିଗଲେ, ଦୌଡ଼ି ଯାଇ ଗଡ଼େଇ ଗଡ଼େଇ ନେଇ ଆସନ୍ତି । ରିଶାନର ନିର୍ଦ୍ଦେଶରେ ପଛଗୋଡ଼ରେ ଛିଡ଼ା ହୋଇ ନାଚ କରନ୍ତି । ରାତି ବେଳେ ସେଇ ଅଧାଗଢ଼ା ଘରେ ଯାଇ ମାଆ କୁକୁର ସହ ଶୁଅନ୍ତି । ସକାଳ ହେଲେ ପୁଣି ବାହାରକୁ ଆସି ଖେଳାବୁଲା କରନ୍ତି ।

ପିଲାଦୁହିଁଙ୍କ ସହ କୁକୁରଛୁଆ ଦୁଇଟିଙ୍କ ବନ୍ଧୁତା ବେଶ ନିବିଡ଼ ହୋଇ ସାରିଥାଏ । ଦିନେ ସେମାନଙ୍କ ପଡ଼ିଶା ଘରେ ଗୋଟିଏ

ନୂଆ ପରିବାର ଆସି ରହିଲେ । ତାଙ୍କ ସାଥିରେ ଥାଆନ୍ତି ସେମାନଙ୍କ ବୟସର ଦୁଇଟି ଛୋଟ ପିଲା ।

ସେଦିନ ଶନିବାର । ସକାଳୁଆ ସ୍କୁଲ । ସ୍କୁଲ ସାରି ମଧ୍ୟାହ୍ନରେ ଘରକୁ ଫେରୁ ଥାଆନ୍ତି ଭାଇ ଭଉଣୀ । ହଠାତ୍ କୁକୁର ଛୁଆ ଦୁଇଟିଙ୍କ ବିକଳ ଚିତ୍କାରରେ ସେମାନେ ଚମକି ପଡ଼ିଲେ । ଦେଖିଲାବେଳକୁ ପଡ଼ୋଶୀ ଘରର ନୂଆ ମାଉସୀ ଠେଙ୍ଗା ଧରି କୁକୁରଙ୍କୁ ଗୋଡ଼ାଉଛନ୍ତି । ତାଙ୍କ ପିଲା ଦୁହେଁ ଟେକା ଫୋପାଡ଼ି ଆନନ୍ଦରେ ତାଳି ମାରୁଛନ୍ତି । ଭାଇ ଭଉଣୀ ଦୁହେଁ ଏ ଦୃଶ୍ୟ ଦେଖି ସହି ପାରିଲେନି । ତୁରନ୍ତ ପ୍ରତିବାଦ କଲେ । ରିଶାନ୍ କହିଲା, 'ତମେମାନେ ଏ କୁକୁରଛୁଆଙ୍କୁ ବାଡ଼ଉଛ କାହିଁକି ? ଏମାନେ ତୁମର କି କ୍ଷତି କଲେ ? ଏତେ ନିଷ୍ଠୁର ହେଲ କିପରି ?'

'ଯେ ହେଉଛନ୍ତି ଆମ ପୋଷା କୁକୁର । ତୁମେମାନେ ତାଙ୍କୁ କାହିଁକି କଷ୍ଟ ଦେଉଛ ?' ରିଦ୍ଧିମା ପଚାରିଲା ।

ସ୍ତ୍ରୀଲୋକ ଜଣକ ମୁହଁ ଛିଞ୍ଚାଡ଼ି ଜବାବ୍ ଦେଲେ, 'କ'ଣ କହିଲ, ଆମେ ନିର୍ଦ୍ଦୟ, ଆଉ ତମେମାନେ ଭାରି ଦୟାବାନ୍ ମଣିଷଗୁଡ଼ାକ ? ବୁଲା କୁକରଗୁଡ଼ାକ ଘରକୁ ପଶି ଆସୁଛନ୍ତି, ମୋ ପିଲାଙ୍କ ଉପରକୁ ଚଢ଼ି ଯାଉଛନ୍ତି – ଆଉ ପଚାରୁଛ କାହିଁକି ବାଡ଼ଉଛି ? ବୁଲା କୁକୁରଙ୍କ ପ୍ରତି ଯଦି ଏତେ ଦରଦ ଉଛୁଳି ପଡୁଛି, ତେବେ ଘରେ ବାନ୍ଧି ରଖୁନ । ସତ ସତ କହି ଦେଉଛି, ଆଉ ଥରେ ଯଦି ଏଗୁଡ଼ାଙ୍କୁ ମୋ ଘର ପାଖରେ ଦେଖିଛି, ତେବେ ଛୋଟା ନ କରି ଛାଡ଼ିବିନି ।'

ରିଶାନ ଆଉ ରିଦ୍ଧିମା ଭଲକରି ଜାଣନ୍ତି, କୁକୁର ଛୁଆ ଦି'ଟା କେବେ ବି କାହା ଘରେ ପଶି ହଇରାଣ କରି ନ ଥିବେ । ସେ ପିଲା ଦୁଇଟା ହେଲେ ବଦମାସ୍ । କୁକୁରଙ୍କୁ ବିନା କାରଣରେ କଷ୍ଟ ଦେଇ ମଜା ଦେଖୁଛନ୍ତି । ରିଶାନ୍ ଆଉ କିଛି କହିବାକୁ ଯାଉଥିଲା ହେଲେ ଦୂରରୁ ବାପା ଆସୁଥିବା ଦେଖି ପାରି ଭାଇ ଭଉଣୀ ଦୁହେଁ ଚୁପ୍ ଚାପ୍ ଘର ଭିତରକୁ ପଶିଗଲେ ।

ସେଦିନ ମଧ୍ୟାହ୍ନରେ ଭାଇଭଉଣୀଙ୍କୁ ଖାଇବା ରୁଚିଲାନି । କୁକୁର ଛୁଆଙ୍କ କଥା ଭାବି ମଉଳି ପଡ଼ିଥାଏ ସେମାନଙ୍କ ମୁହଁ । ଖାଉ ଖାଉ ରିଦ୍ଧିମା ପଚାରି ଦେଲା, 'ବାପା, ବୁଲାଜୀବଙ୍କୁ କ'ଣ ବିନା କାରଣରେ କେହି ବି ଆଘାତ ଦେଇପାରିବେ ? ଆମେମାନେ କିଛି ବି କହି ପାରିବାନି କି କରିପାରିବାନି ?' ବାପାଙ୍କ ପାଖରେ ଉତ୍ତର ନ ଥିଲା । ସେ କିଛି ବି କହିଲେନି । ଅପରାହ୍ନରେ ବାପା ବଜାରରୁ ଫେରିଲେ । ରିଶାନ୍ ଆଉ ରିଦ୍ଧିମାଙ୍କୁ ପଡ଼ିଆକୁ ନେଇ କୁକୁର ଛୁଆ ଦୁଇଟିଙ୍କୁ ପାଖକୁ ଡାକିବାକୁ କହିଲେ । ସେମାନେ ତୁ ତୁ କହି ଡାକ ଦେବାରୁ ଛୁଆ ଦୁଇଟି ଲାଞ୍ଜ ହଲାଇ ଧାଇଁ ଆସିଲେ । ବାପା ପଚାରିଲେ, 'ତମେମାନେ ଏ ଯାଏଁ ଏ ଦୁହିଁଙ୍କର କିଛି ନାଁ ଦେଇନ କେମିତି ? ଏବେ ଏମାନଙ୍କ ପାଇଁ ଭଲ ନାଆଁ ଦୁଇଟା ବାଛ ।' ଗୋଟିଏ ଛୁଆକୁ ଦୁଇ ହାତରେ ଟେକି ଧରି ରିଦ୍ଧିମା କହିଲା, ଏ ହେଉଛି ଲେସ୍‌ଲି । ରିଶାନ ଅନ୍ୟ ଛୁଆର ନାଆଁ ରଖିଲା ଆଲଫା । ପକେଟରୁ ଦୁଇଟି ଚଉଡ଼ା ଫିତା ଆଉ ଏକ କଲମ କାଢ଼ି ପିଲାଙ୍କ ହାତକୁ ବଢେଇ ଦେଉ ଦେଉ ବାପା କହିଲେ ନିଅ, ଏଥିରେ ସେମାନଙ୍କ ନାମ ଲେଖି ତାଙ୍କ ବେକରେ ବାନ୍ଧି ଦିଅ ଆଉ ଏ ବିସ୍କୁଟ ପ୍ୟାକେଟରୁ ବିସ୍କିଟ୍ କାଢ଼ି ଖାଇବାକୁ ଦିଅ । ଏବେଠୁ ସେମାନେ ଆମ ପୋଷା କୁକୁର । ଆଉ କେହି ବି ସେମାନଙ୍କୁ ଅକାରଣରେ ଆଘାତ ଦେବେନି ।'

ରିଶାନ୍ ଆଉ ରିଦ୍ଧିମା ଅତି ଆନନ୍ଦରେ ବେକଫିତା ଉପରେ ମାର୍କର ପେନ୍‌ରେ ନାମ ଲେଖି ସେମାନଙ୍କ ବେକରେ ବାନ୍ଧିଦେଲେ ଓ ବିସ୍କିଟ୍ ଖାଇବାକୁ ଦେଲେ ।

ବାପା ସ୍ପଷ୍ଟ କରିଦେଲେ , ତୁମେ ଦୁହେଁ କୁକୁର ଛୁଆଙ୍କ ସହ ଏଇ ପଡ଼ିଆରେ ଖେଳିବ । ହେଲେ ଖେଳିଲାବେଳେ ସେମାନଙ୍କ ନଖ ଓ ଦାନ୍ତ ପ୍ରତି ସାବଧାନ ଥିବ । ଘରକୁ ଫେରିଲେ ହ୍ୟାଣ୍ଡୱାସ୍‌ରେ ଭଲ ଭାବରେ ହାତଗୋଡ଼ ଧୋଇବ । ସେମାନେ ଆମ ଘରେ ଚେନ୍‌ରେ ବନ୍ଧା ହୋଇ ରହିବେନି । ସେଇ ଅଧାଗଢ଼ା ଘରେ ସ୍ୱାଧୀନ ଭାବରେ ରହିବେ । ତମେ ଘରୁ ଖାଦ୍ୟ ନେଇ ସେଇଠି ଦେଇ ଆସିବ ।'

ପିଲାଦୁହିଁଙ୍କ ସହ ଆଲଫା ଓ ଲେସ୍‌ଲିଙ୍କ ନିବିଡ଼ ବନ୍ଧୁତା ଦେଖି କଲୋନୀବାସୀ ଚମତ୍କୃତ ହେଲେ । ଏବେ ସଭିଏଁ ମିଳିମିଶି ନିଜ ଘରର ବଳକା ଖାଦ୍ୟକୁ କୁକୁର ଛୁଆ ଦୁଇଟିଙ୍କୁ ଖାଇବାକୁ ଦିଅନ୍ତି । ପଡ଼ୋଶୀ ଘର ନୂଆ ମାଉସୀ ବା ଏଥିରୁ ବାଦ୍ ପଡ଼ନ୍ତେ କିପରି ?

*ମାମୁରିଆ, ଛେଣ୍ଡିପଦା, ଅନୁଗୁଳ ।*

ଧନ୍ୟ ଜୀବନ ଧନ୍ୟ ତାର । ଦୁର୍ଲଭ କର୍ମ ଏ ବେଭାର ।।

# ‘ଜାତୀୟ ଶିକ୍ଷାନୀତି - ୨୦୨୦’ ଭାରତକେନ୍ଦ୍ରିତ ଶିକ୍ଷା ବ୍ୟବସ୍ଥାର ଏକ ଯୁଗାନ୍ତକାରୀ ପଦକ୍ଷେପ

*ମା. ଶ୍ରୀମାନ ଗୋବିନ୍ଦଚନ୍ଦ୍ର ମହାନ୍ତ*

## ପୂର୍ବ ସଂଖ୍ୟାର ଅବଶିଷ୍ଟାଂଶ :-

### ଶିକ୍ଷକ ବ୍ୟବସ୍ଥା -

ECCE ପାଇଁ ତ ଶିକ୍ଷକ ବ୍ୟବସ୍ଥା ଉଲ୍ଲେଖ କରାଯାଇଛି। ଶିକ୍ଷାର ଗୁଣାତ୍ମକ ମାନକୁ ଧ୍ୟାନରେ ରଖି ଶିକ୍ଷକମାନଙ୍କ ବିଶେଷ ଆବଶ୍ୟକ ନ ଥିଲେ ସ୍ଥାନାନ୍ତରଣ କରାଯିବ ନାହିଁ। TET (Teacher Eligibility Test) ସବୁ ସ୍ତର (Foundational Stage, Preparatory Stage, Middle Stage, Secondary Stage) ସରକାରୀ ତଥା ସମସ୍ତ ଘରୋଇ ବିଦ୍ୟାଳୟରେ ଲାଗୁ ହେବ। NTA (ଜାତୀୟ ପରୀକ୍ଷଣ ସଂସ୍ଥା)ର Scoreକୁ ମଧ୍ୟ TET ସମୟରେ ବିଚାର କରାଯିବ ଏବଂ classroom demonstration TETର ଅଭିନ୍ନ ଅଙ୍ଗ ରହିବ। ବିଷୟ ଆଧାରରେ ଶିକ୍ଷକ ଚୟନ କରାଯିବ। ଶିକ୍ଷକମାନଙ୍କର ପ୍ରତିବର୍ଷ ୫୦ ଘଣ୍ଟାର ସତତ ବୃତ୍ତିଗତ ବିକାଶ (Continuous Professional Development) ବ୍ୟବସ୍ଥା ରହିବ।

### ଶିକ୍ଷକ ଶିକ୍ଷା -

ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷକ ଶିକ୍ଷା ବ୍ୟବସ୍ଥା ହେବ। ୨୦୩୦ ସୁଦ୍ଧା ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟକୁ ବହୁ ସ୍ତରୀୟ (Multidisciplinarly) କରାଯିବ ଏବଂ BEd, MEd, PhD, Degree ଶିକ୍ଷା ବିଭାଗରେ (Education Department) ବ୍ୟବସ୍ଥା କରାଯିବ।

୨୦୩୦ ସୁଦ୍ଧା ୪ ବର୍ଷିଆ 4 year Integrated BEd ଯୋଗ୍ୟତା ନିର୍ମାଣ କରାଯିବ। ୨ ବର୍ଷିଆ ବି.ଏଡ୍ ବ୍ୟବସ୍ଥା ମଧ୍ୟ ରହିବ। ଅନ୍ୟ ବିଶେଷ ବିଷୟରେ ଏକ ବର୍ଷିଆ ବି.ଏଡ୍ ବ୍ୟବସ୍ଥା ଯେଉଁମାନେ ସ୍ନାତକୋତ୍ତର ବିଶେଷ ବିଷୟରେ କରିଥିବେ ତାଙ୍କ ପାଇଁ ରହିବ।

ସ୍ଥାନୀୟ BITES, DIETS and School Clusterର ମଧ୍ୟ ବ୍ୟବସ୍ଥା ରହିବ। ସେଥିରେ ମଧ୍ୟ ପ୍ରଶିକ୍ଷିତ ଶିକ୍ଷକ ନିର୍ମାଣ କାର୍ଯ୍ୟ ଚାଲୁ ରହିବ। ଏହିଭଳି ଗୁଣବତ୍ତାପୂର୍ଣ୍ଣ ଶିକ୍ଷକ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯିବ।

### ବିଦ୍ୟାଳୟ ସଂକୁଳ (School Complexes / clusters) ବ୍ୟବସ୍ଥା

ପ୍ରାଥମିକ ଶିକ୍ଷାର ଅଭିଯାନ ଚଳାଉଥିବା ସର୍ବଶିକ୍ଷା ଅଭିଯାନ ବର୍ତ୍ତମାନ ପରିବର୍ତ୍ତନ ହୋଇ ସମଗ୍ର ଶିକ୍ଷା ଯୋଜନା (Samagra Shiksha Scheme) ରଖିବା ପାଇଁ ସ୍ଥିର କରାଯାଇଛି।

ଗୁଣବତ୍ତାଯୁକ୍ତ ବ୍ୟବସ୍ଥା ଏବଂ ବିଦ୍ୟାଳୟର ସାମାଜିକ ଦାୟିତ୍ୱ ଏବଂ ସମାଜର ବିଦ୍ୟାଳୟ ପ୍ରତି ସହଯୋଗର ଆବଶ୍ୟକତାକୁ ଆଧାର କରି **School Complex** (ବିଦ୍ୟାଳୟ ସଂକୁଳ) ବ୍ୟବସ୍ଥା ରଖା ଯାଇଛି। ସେଥିରେ ପର୍ଯ୍ୟାପ୍ତ ସଂସାଧନ ଏବଂ ତାକୁ ସୁପରିଚାଳନା କରିବା ଦୃଷ୍ଟିରୁ ଏକ ସଂରଚନା ତିଆରି କରାଯାଇଛି।

ବିଦ୍ୟାଳୟ ସଂକୁଳ (School Complexes) ଅନ୍ତର୍ଗତ ଗୋଟିଏ ୧୨ଶ ଶ୍ରେଣୀ ଯୁକ୍ତ ବିଦ୍ୟାଳୟକୁ କେନ୍ଦ୍ର କରି ୫ ରୁ ୧୦ କି.ମି. ପରିସୀମା ଭିତରେ ଥିବା ଅଙ୍ଗନବାଡ଼ି, ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ (୧୦ମ ଶ୍ରେଣୀ ପର୍ଯ୍ୟନ୍ତ) ଥିବା ବିଦ୍ୟାଳୟ ଗୋଟିଏ complex / cluster ଅନ୍ତର୍ଗତ ରହିବ। ତା'ର ସୁପରିଚାଳନା ଓ ଶିକ୍ଷାର ଗୁଣାତ୍ମକ ମାନ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଗୋଟିଏ ପରିଚାଳନା ସମିତି (SMC) ରହିବ। (SMC) ରେ ସେହି ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ, ଶିକ୍ଷାବିତ୍ ତଥା ବିଦ୍ୟାଳୟର ଅଭିଭାବକମାନଙ୍କୁ ନେଇ ଏକ ସମିତି ଗଠନ ହେବ ଏବଂ ସେହି ସମିତି ସମସ୍ତ ହିତଧାରକ (stakeholders) ମାନଙ୍କୁ ନେଇ ସମସ୍ତ କାର୍ଯ୍ୟ ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱରେ ପରିଚାଳନା କରିବେ।

**ଯୋଜନା -** SMC ବିଦ୍ୟାଳୟ ବିକାଶ ଯୋଜନା (SDP) କମ୍ ଅବଧି ଏବଂ ଦୀର୍ଘ ଅବଧି ଯୁକ୍ତ ଯୋଜନା ତିଆରି କରିବେ। ବିଦ୍ୟାଳୟ ସ୍ଥାପନା ଦିବସ ଅର୍ଥାତ୍ ବାର୍ଷିକ ଉତ୍ସବ ପାଳନ କରିବେ। ପୂର୍ବଛାତ୍ରମାନଙ୍କୁ ସମ୍ମାନିତ ମଧ୍ୟ କରିବେ ଏବଂ School complex ସହିତ ଉତ୍ତମ ସମ୍ପର୍କ ରଖିବେ। ବିଦ୍ୟାଳୟ ପରିଚାଳନା ସମିତି ବ୍ୟତୀତ ୫ରୁ ୧୦ କି.ମି. ଭିତରେ ଥିବା ବିଦ୍ୟାଳୟକୁ ନେଇ ଯେଉଁ ବିଦ୍ୟାଳୟ ସଂକୁଳ (School complex) ତିଆରି ହେବ ବିଦ୍ୟାଳୟ ସଂକୁଳ (School complex)ର ପ୍ରଧାନ ଶିକ୍ଷକ ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷାବିଦ୍, ଅଭିଭାବକ, ସ୍ୱେଚ୍ଛାସେବକଙ୍କୁ ନେଇ ବିଦ୍ୟାଳୟ ସଂକୁଳ ସମିତି School Complex / Cluster Management Committee) ତିଆରି ହେବ। ବିଦ୍ୟାଳୟ ସଂକୁଳ (School complex)ରେ ସମସ୍ତ ପ୍ରକାର ସଂସାଧନ ଉପଲବ୍ଧ ରହିବ।

School Complex ରାଜ୍ୟ ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶକଙ୍କ DSE (Director of School Education) ତତ୍ତ୍ୱାବଧାନରେ ରହିବ। DSE ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀ (DEO) ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ (BEO)ଙ୍କୁ ନେଇ School complex ପରିଚାଳନା କରିବେ। ଜାତୀୟ ପାଠ୍ୟକ୍ରମ ରୂପରେଖ ଏବଂ ରାଜ୍ୟ ପାଠ୍ୟକ୍ରମ ରୂପରେଖ ଆଧାରରେ ପାଠ୍ୟକ୍ରମ ଏବଂ ଶିକ୍ଷଣ ବ୍ୟବସ୍ଥା ରହିବ। ବିଦ୍ୟାଳୟ ସଂକୁଳ ପରିଚାଳନା ସମିତି SCMC (School Complex Management Committee) ବିଦ୍ୟାଳୟ ସଂକୁଳ ଯୋଜନା (SCDP) ୩ ରୁ ୫ ବର୍ଷର ସ୍ୱଳ୍ପ ଅବଧି ଏବଂ ଦୀର୍ଘ ଅବଧି ଯୋଜନା ତିଆରି କରିବେ। School complexରେ ପର୍ଯ୍ୟାପ୍ତ ସଂସାଧନ ଯଥା ମାନବୀୟ ସଂସାଧନ, ଶିକ୍ଷଣ ସଂସାଧନ, ଢାଞ୍ଚାଗତ ସଂସାଧନ, ଆର୍ଥିକ ସଂସାଧନ ବ୍ୟବସ୍ଥା ରହିବ। DSEଙ୍କ ତତ୍ତ୍ୱାବଧାନରେ BEO ଦାୟିତ୍ୱରେ ରହିବ।

**SCMCର କ୍ରିୟାକଳାପ -** ବର୍ଷରେ ଥରେ ସ୍ଥାପନା ଦିବସ ଉତ୍ସବ ଆୟୋଜନ କରିବେ ଯେଉଁଠାରେ ସେ ଅଞ୍ଚଳର ସମସ୍ତ ଶିକ୍ଷକ, ଛାତ୍ର, ଅଭିଭାବକ, ହିତଧାରକ, ପୂର୍ବଛାତ୍ର ଭାଗ ନେବେ। ସେହି ଉତ୍ସବରେ ପୂର୍ବଛାତ୍ରମାନଙ୍କ ବିଶେଷ କୃତି ପାଇଁ ସମ୍ମାନିତ କରାଯିବ।

**ସଂସାଧନ -** ପାଠାଗାର, ବିଜ୍ଞାନାଗାର, କଳା, ଖେଳ ଓ ଖେଳ ସାମଗ୍ରୀ।

ସବୁ ସ୍ତର ଅଙ୍ଗନବାଡ଼ିଠାରୁ ଆରମ୍ଭ କରି ମାଧ୍ୟମିକ ପର୍ଯ୍ୟନ୍ତ ଆବଶ୍ୟକ ସଂସାଧନଯୁକ୍ତ ରହିବ। ଉକ୍ତ School complexର ସମସ୍ତ ବିଦ୍ୟାଳୟର ଶିକ୍ଷକ, ଛାତ୍ର, ସପ୍ତାହରେ ଗୋଟିଏ ଦିନ ଭ୍ରମଣରେ ଆସିବେ ଏବଂ ଏ ସମସ୍ତ ସଂସାଧନକୁ ଉପଯୋଗ କରିବେ। ଯାହାକୁ "ବାଲ ଭବନ" ନାମ ଦିଆଯାଇଛି। ଶିକ୍ଷକମାନେ ସମସ୍ତେ Professional Development ପାଇଁ ଆସିବେ। ଶିକ୍ଷାର ଆଦାନପ୍ରଦାନ ହେବ ଫଳରେ ସମସ୍ତ ବିଦ୍ୟାଳୟ ଉପକୃତ ହୋଇପାରିବେ। ଶୈକ୍ଷିକ ଓ ବିଷୟ ଆଧାରିତ ପ୍ରଶିକ୍ଷଣର ଯୋଜନା ମଧ୍ୟ ତିଆରି କରିବେ।

**ଅନ୍ୟ କାର୍ଯ୍ୟକ୍ରମ -** ବିଜ୍ଞାନମେଳା, କ୍ରୀଡ଼ା ପ୍ରତିଯୋଗିତା, ବକ୍ତୃତା ଓ ପ୍ରଶ୍ନମଞ୍ଚ ପ୍ରତିଯୋଗିତା, ବିଭିନ୍ନ ମେଳା, ସାଂସ୍କୃତିକ ପ୍ରତିଯୋଗିତାରେ ସମସ୍ତ ଶିଶୁ ଓ ଶିକ୍ଷକ ଭାଗ ନେବେ। ଏଭଳି ବିବିଧ କାର୍ଯ୍ୟକ୍ରମଯୁକ୍ତ ବିଦ୍ୟାଳୟ ସଂକୁଳ ଯୋଜନାରେ ସେଠିକାର ସମାଜ ମଧ୍ୟ ଭାଗ ନେବେ। ସେ ଅଞ୍ଚଳର ବିଶେଷ କୃତିତ୍ୱ ଅର୍ଜନ କରିଥିବା ପୂର୍ବଛାତ୍ରମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯିବ। ଏଭଳି ଶିକ୍ଷା ସମାଜ ପ୍ରତି ଏକ ଅନୁକୂଳ ସକାରାତ୍ମକ ପରିବେଶ ତିଆରି ହେବ, ଯାହାକି ଏକ 'ସାମାଜିକ ଚେତନାର କେନ୍ଦ୍ର' ହୋଇପାରିବ ଏବଂ ଏହି School Complex ଏକ Semi Autonomous body ହୋଇ ଗୁଣାତ୍ମକ ମାନ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ବର୍ତ୍ତମାନ ସରକାରୀ ଏବଂ ଘରୋଇ ବିଦ୍ୟାଳୟ ଭିତରେ ଗୁଣାତ୍ମକ ଶିକ୍ଷା ଦେବାର ଅନେକ ଅସନ୍ତୁଳନ ରହିଛି। ସରକାରୀ ଶିକ୍ଷା ବ୍ୟବସ୍ଥା ଏକ ଗଣତାନ୍ତ୍ରିକ ରାଷ୍ଟ୍ରପାଇଁ ଉତ୍ସାହଜନକ ଓ ପ୍ରେରଣାଦାୟକ। ଦେଶ ପାଇଁ ଶିକ୍ଷଣର ପ୍ରତିଫଳକୁ ସର୍ବୋଚ୍ଚ ସ୍ତର ପ୍ରାପ୍ତ କରିବା ଆବଶ୍ୟକ। ଘରୋଇ ବା ବେସରକାରୀ ତଥା ଅନ୍ୟ ସମ୍ବନ୍ଧିତ ବିଦ୍ୟାଳୟ ମଧ୍ୟ

ଶିକ୍ଷାଦାନରେ ପ୍ରମୁଖ ଭୂମିକାକୁ ଉତ୍ସାହିତ କରାଯିବା ପ୍ରାବଧାନ ରଖାଯାଇଛି ।

**ରାଜ୍ୟ ସମ୍ବନ୍ଧିତ କିଛି ପ୍ରମୁଖ ନିୟମ ଶିକ୍ଷାନୀତିରେ ସ୍ୱତନ୍ତ୍ର ଦାୟିତ୍ୱ -**

କ) ରାଜ୍ୟ ସ୍ତରର ସମିତି ବିଦ୍ୟାଳୟ ଶିକ୍ଷାର ସତତ ଅଭିବୃଦ୍ଧି କରିବେ ।

ଖ) ସମଗ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ରାଜ୍ୟ ବିଦ୍ୟାଳୟ ଶିକ୍ଷା ନିର୍ଦ୍ଦେଶକ (Director of School Education) DEO ଏବଂ BEO କାର୍ଯ୍ୟାଳୟ ସହିତ (Including the offices of DEO and BEO) ସ୍ୱତନ୍ତ୍ରଭାବେ ନୀତି ପ୍ରଣୟନ କରିପାରିବେ ।

ଗ) ଏକ ପ୍ରଭାବୀ ଗୁଣାତ୍ମକ ସ୍ୱତନ୍ତ୍ର ପରିଚାଳନା ବା ମାନକୀକରଣ ବ୍ୟବସ୍ଥା ମୂଳଦୁଆ ବା ଆଧାରସ୍ତର ଠାରୁ ସବୁ ସ୍ତରର ସରକାରୀ ବେସରକାରୀ ସାମାଜିକ ଉନ୍ନୟନଯୁକ୍ତ ବିଦ୍ୟାଳୟରେ ଲାଗୁ କରିବାର ବ୍ୟବସ୍ଥା ରହିଛି । ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ରାଜ୍ୟମାନଙ୍କରେ ସ୍ୱତନ୍ତ୍ର ଏକ ରାଜ୍ୟ ସ୍ତରୀୟ SSA (State School Standard Authority) ମାନକୀକରଣ ସମିତି ରହିବ । ଏହାର ମାପଦଣ୍ଡ (Parameter) ସାଧାରଣତଃ ବିଦ୍ୟାଳୟର ନିରାପତ୍ତା (Safety and Security), ମଜଭୁତ ଢାଞ୍ଚା (Basic Infrastructure), ଶିକ୍ଷକ ସଂଖ୍ୟା (Number of teachers) ଶ୍ରେଣୀ ଏବଂ ବିଷୟ ଆଧାରିତ, ଆର୍ଥିକ ବ୍ୟବସ୍ଥା ଏବଂ ପରିଚାଳନା ବ୍ୟବସ୍ଥାର ଦକ୍ଷତାକୁ ଆଧାର କରି ତିଆରି ହେବ । ଏହି ମାପଦଣ୍ଡ (Parameter) SCERT ସମସ୍ତ ବିଦ୍ୟାଳୟ, ଅଭିଭାବକ, ପ୍ରଧାନ ଶିକ୍ଷକ, ଶିକ୍ଷକମାନଙ୍କ ସହିତ ପରାମର୍ଶ କରି ତିଆରି କରିବେ (in consultation with various stakeholders) ।

SCERT ରାଜ୍ୟରେ ମାନକୀକରଣ ବ୍ୟବସ୍ଥା (School Quality Assessment and Acrediatation Framework) NCERTଙ୍କ ସହଯୋଗରେ ସମସ୍ତ ହିତଧାରକଙ୍କ (Stakeholders)ସହିତ ବିସ୍ତୃତ ଚର୍ଚ୍ଚା କରି ତିଆରି କରିବେ ତାହା SQAAF (School Quality Assessment and Acretitation Framework) ଭାବରେ ରହିବ । ଏହାକୁ ଆଧାର କରି ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନକୀକରଣ ବ୍ୟବସ୍ଥା ରହିବ ଏବଂ ମାନକୀକରଣ ଆଧାରରେ ଆବଶ୍ୟକତା ଅନୁସାରେ ଗୁଣାତ୍ମକ ବିକାଶ ନିମିତ୍ତ ୩ ବର୍ଷରେ ଥରେ ପରିଚାଳନା ପ୍ରକ୍ରିୟାକୁ ସୁଧାରୀକରଣ ବ୍ୟବସ୍ଥା ରହିବ । ଏହା ସମସ୍ତ ସରକାରୀ, ବେସରକାରୀ ତଥା ସଂବନ୍ଧିତ ସାମାଜିକ ଉନ୍ନୟନଯୁକ୍ତ ବିଦ୍ୟାଳୟ ମାନଙ୍କରେ ଲାଗୁ ହେବ । ସମସ୍ତ ଅନୁଷ୍ଠାନରେ ସମାନ ମାନକଯୁକ୍ତ ବ୍ୟବସ୍ଥାର ନିରୀକ୍ଷଣ (Audit) ହେବ ଏବଂ ସମସ୍ତ ଅନୁଷ୍ଠାନ ଲାଭ ବିହୀନ (not for profit) ରହିବେ । ଉଦ୍‌ବୃତ୍ତ (surpluses) ଅର୍ଥ ଶିକ୍ଷା ନିମିତ୍ତ ପୁନଃ ବିନିଯୋଗ ହେବ ।

NAS (National Achievement Survey) ବା ଜାତୀୟ ଉପଲବ୍ଧି ସର୍ବେକ୍ଷଣ ବ୍ୟବସ୍ଥା ରହିବ ଏବଂ ଜାତୀୟ ଆକଳନ କେନ୍ଦ୍ର (National Assessment Centre PARAKH ବ୍ୟବସ୍ଥା NCERT ସହଯୋଗରେ ତିଆରି ହେବ । ରାଜ୍ୟ ସ୍ତରୀୟ ଆକଳନ (State Assessment Survey) ବ୍ୟବସ୍ଥା ରହିବ । ନୂତନ ଆକଳନ କେନ୍ଦ୍ର PARAKH ଏବଂ NCERT ଜାତୀୟ ଉପଲବ୍ଧ ସର୍ବେକ୍ଷଣ ତତ୍ତ୍ୱାବଧାନରେ ସମାହିତ ହେବ ।

ଏଭଳି ଏକ ନୂତନ ବିଦ୍ୟାଳୟ ମାନକୀକରଣ ବ୍ୟବସ୍ଥା ନିଶ୍ଚିତ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ଅଭିବୃଦ୍ଧିରେ ସହାୟକ ହେବ ଏବଂ ସମସ୍ତେ ଉପକୃତ ହୋଇପାରିବେ ।

**ଉଚ୍ଚ ଶିକ୍ଷା (Higher Education) –**

ଏକ ବିଂଶ ଶତାବ୍ଦୀକୁ ଆଖି ଆଗରେ ରଖି ଏବଂ ପୁରାତନ ଐତିହ୍ୟ ତକ୍ଷଶିଳା, ବିକ୍ରମଶିଳା, ନାଳନ୍ଦା, ବଲ୍ଲଭୀ ଗୁଣାତ୍ମକ ମାନର ଉଚ୍ଚତମ ଆଦର୍ଶ ପ୍ରତିଷ୍ଠା କରିଥିବା ବିଶ୍ୱ ବିଦ୍ୟାଳୟ ଆଧାରରେ ଉଚ୍ଚ ଶିକ୍ଷାର ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।

କ) ପ୍ରତ୍ୟେକ ଜିଲ୍ଲାରେ ଅତି କମ୍‌ରେ ଗୋଟିଏ ବହୁସ୍ତରୀୟ (Multidisciplinary) ମହାବିଦ୍ୟାଳୟ ତଥା ପାଖାପାଖି ଏକ ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ମାଧ୍ୟମ ଅନୁଷ୍ଠାନର ଯୋଜନା କରାଯାଇଛି ।

**ଆହାରେ ଭଲ ମନ୍ଦ ନାହିଁ । ଯେ ସ୍ଥାନେ ଯେମନ୍ତ ମିଳଇ ।।**

ଖ) ଅଧିକାଧିକ ଅଣସ୍ନାତକ ମହାବିଦ୍ୟାଳୟର ବହୁସ୍ତରୀୟ (Multidisciplinary) ବ୍ୟବସ୍ଥା ।

ଗ) ଅନୁଷ୍ଠାନ ଓ ଶିକ୍ଷକ ସ୍ୱାୟତ୍ତତାର ପ୍ରାବଧାନ

ଘ) ପାଠ୍ୟକ୍ରମ, ପାଠ୍ୟଦାନ ପଦ୍ଧତି, ମୂଲ୍ୟାୟନ ବା ଆକଳନ ସହଭାଗିତା ବ୍ୟବସ୍ଥା ।

ଙ) Merit ଆଧାରରେ ଅଧ୍ୟାପକ ଓ ଅଧକ୍ଷ ନିୟୋଜନକୁ ଧ୍ୟାନ ରଖାଯିବ ଏବଂ ତା'ର ଆଧାର ହେବ ଅଧ୍ୟାପନା, ଅନୁସନ୍ଧାନ ଓ ସେବା ଭାବ ।

ଚ) National Research Foundation ପ୍ରତିଷ୍ଠା ଏବଂ Peer viewed research and activity see research in universities and college ବ୍ୟବସ୍ଥା ରହିଛି ।

ଛ) ଉଚ୍ଚ ଶିକ୍ଷା ସଂସ୍ଥାନର ପ୍ରବନ୍ଧନ ପରିଚାଳନା ଯୋଗ୍ୟତା ସମ୍ପନ୍ନ ସ୍ୱତନ୍ତ୍ର ପରିଷଦକୁ ଶୈକ୍ଷିକ ଓ ପ୍ରଶାସନକୁ ସ୍ୱାୟତ୍ତତା ପ୍ରଦାନ ।

ଜ) ସରଳ ଏବଂ ମଜଭୁତ ଏକକ ପରିଚାଳନା ବ୍ୟବସ୍ଥା ଉଚ୍ଚ ଶିକ୍ଷାରେ କରାଯିବ ।

୫) ସର୍ବ ସମାବେଶକ (equity and inclusion), privatephilanthropic ବିଶ୍ୱ ବିଦ୍ୟାଳୟ ମାଧ୍ୟମରେ disadvantaged and under priviledge ଛାତ୍ରମାନଙ୍କ ବୃତ୍ତି ସହୟତା, online ଶିକ୍ଷା ବ୍ୟବସ୍ଥା । ODL (Open Distance Learning) ବ୍ୟବସ୍ଥା ରହିବ । ଦିବ୍ୟାଙ୍ଗ ଛାତ୍ରମାନଙ୍କ ପାଇଁ ମଧ୍ୟ Infrastructure ଏବଂ ଶିକ୍ଷଣ ସାମଗ୍ରୀ ବ୍ୟବସ୍ଥା ରହିବ ।

୬) ୨୬.୩% (୨୦୧୮) କୁ ବଢ଼ାଇ ୨୦୩୫ ସୁଦ୍ଧା Gross Enrolment ୫୦% କରିବାର ଲକ୍ଷ୍ୟ ରଖାଯାଇଛି । ଅଣସ୍ନାତକ, ସ୍ନାତକ ଏବଂ Phd ନିମିତ୍ତ ଗୁଣବତ୍ତାଯୁକ୍ତ ଏବଂ ଗବେଷଣାଯୁକ୍ତ ଶିକ୍ଷା ଉପଲବ୍ଧ ରହିବ ଏବଂ Holistic and Multidisciplinary Education ରେ ପରିବେଶ ଶିକ୍ଷା, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ବ୍ୟବସ୍ଥା ରହିବ। ପରିବେଶ (Environmental), ଶିକ୍ଷା ଭିତରେ ଜଳବାୟୁ ପରିବର୍ତ୍ତନ (Climate Change), ପ୍ରଦୂଷଣ (Pollution), ଆବର୍ଜନା ପ୍ରବନ୍ଧନ (Waste Management), ସ୍ୱଚ୍ଛତା (Sanitation) , ଜୈବ ବିବିଧତା ସଂରକ୍ଷଣ (Conservation of Bio-diversity), ଜଙ୍ଗଲ (Forest), ବନ୍ୟପ୍ରାଣୀ ସଂରକ୍ଷଣ, ସ୍ଥାୟୀ ବିକାଶ (Sustainable development) ତା ସହିତ ମାନବୀୟତା (Humanistic) ଆଚରଣ (Ethical), ସାମ୍ବିଧାନିକ (constitutional), ସତ୍ୟ (Universal human values of truth), ଧର୍ମ (nighteous conduct), ଶାନ୍ତି (peace), ପ୍ରେମ (Love), ଅହିଂସା (Non-violence), ବୈଜ୍ଞାନିକତା (scientific temper), ନାଗରିକ ମୂଲ୍ୟବୋଧ (citizenship values) , ଜୀବନ କୌଶଳ (Life skill), ସେବା (Service Partipation in community), GCED (Global citizenship Education), ଯାହାକି ଭାରତୀୟ ମୂଲ୍ୟବୋଧ ଆଧାରିତ ବିଷୟ ସମାହିତ କରାଯିବାର ଯୋଜନା ରହିଛି ।

An Academic Bank of Credit ବ୍ୟବସ୍ଥା ରହିବ । Academic credit ବିଭିନ୍ନ ଅନୁଷ୍ଠାନମାନଙ୍କରୁ ପ୍ରାପ୍ତ କରିପାରିବେ,ପରବର୍ତ୍ତୀ ଶିକ୍ଷାର୍ଥୀର ସହାୟକ ହୋଇପାରିବ । ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ଗବେଷଣା ଆଧାରିତ କରାଯିବ । ୩ ବର୍ଷିଆ ସ୍ନାତକରେ ୧ ବର୍ଷ ଗବେଷଣାଯୁକ୍ତ ରହିବ । ୪ ବର୍ଷିଆ ସ୍ନାତକ ମଧ୍ୟ ଗବେଷଣାଯୁକ୍ତ ରହିବ ଏବଂ ୪ ବର୍ଷିଆ ଗବେଷଣାଯୁକ୍ତ ସ୍ନାତକ କରିଥିଲେ ୧ ବର୍ଷିଆ ସ୍ନାତକୋତ୍ତର ବ୍ୟବସ୍ଥା ରହିବ । Integrated Bachlors / Masters degree programme ମଧ୍ୟ ରହିବ । PhD Programme ସ୍ନାତକୋତ୍ତର କିମ୍ବା ୪ ବର୍ଷିଆ ସ୍ନାତକ ଗବେଷଣାଯୁକ୍ତ ଥିଲେ କରିପାରିବେ । Mphil ଉଚ୍ଛେଦ ହେବ । IITS ଏବଂ IIMS ଗୁଡ଼ିକୁ MERUs (Multi disciplinary Education and Research Universities) ବିଶ୍ୱସ୍ତରୀୟ (Global standards) କରାଯିବାର ବ୍ୟବସ୍ଥା ରହିବ । ଭାରତକୁ ବିଶ୍ୱଗୁରୁ ପଦବାଚ୍ୟ ହେବା ପାଇଁ ଜାତୀୟ

ଅନ୍ତର୍ଜାତୀୟ ସ୍ତରରେ ଶିକ୍ଷାର ମାନକୁ ପ୍ରତିଷ୍ଠା କରାଯିବା ଯୋଜନା ରଖାଯାଇଛି ।

**ଉଚ୍ଚ ଶିକ୍ଷାରେ ବ୍ୟାବସାୟିକ ଶିକ୍ଷା -**

ବ୍ୟାବସାୟିକ ଶିକ୍ଷା ଏକ ଅଙ୍ଗ ଭାବରେ ଉଚ୍ଚ ଶିକ୍ଷାରେ ରହିବ ଯଥା - କୃଷି ବିଶ୍ୱବିଦ୍ୟାଳୟ, ଆଇନ ବିଶ୍ୱବିଦ୍ୟାଳୟ, Health science universities, Technical Universities ଇତ୍ୟାଦି ଏବଂ ଗୁଣବତ୍ତାଯୁକ୍ତ ଶିକ୍ଷା ଦେବାର ସମସ୍ତ ପ୍ରକାର ବ୍ୟବସ୍ଥା ରହିବ ।

Technology କ୍ଷେତ୍ରରେ Digital India campain helping to transform the entire nation into a digitally empowered society and knowledge ଏହା ସଶକ୍ତ କରିବ । NTF (National Technology Forum) will provide a platform for free exchange idea on the use of technology to enhance learning assessment planning, administration ଉଭୟ ବିଦ୍ୟାଳୟ (School) ଏବଂ ଉଚ୍ଚ ଶିକ୍ଷା (Higher Education) ପାଇଁ ସହାୟକ ହୋଇପାରିବ ।

ଶିକ୍ଷା ଶିକ୍ଷଣ (Teaching Learning) e-content ସମସ୍ତ ରାଜ୍ୟକୁ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବା ପାଇଁ NCERT, CIET, CBSE, NIOS ଏବଂ ସଂସ୍ଥାନ DIKSHA Platformରେ ବ୍ୟବସ୍ଥା କରିବେ ଏବଂ SWAYAM ମାଧ୍ୟମରେ ମଧ୍ୟ ବିଦ୍ୟାଳୟ ସ୍ତର ଉଚ୍ଚ ଶିକ୍ଷା ସ୍ତରରେ Technologybased Platform ରହିବ । ଦିବ୍ୟାଙ୍ଗ ଛାତ୍ର ଓ ଅପହଞ୍ଚ ଗ୍ରାମାଞ୍ଚଳ, ବନାଞ୍ଚଳ ଛାତ୍ରମାନଙ୍କୁ ମଧ୍ୟ ସର୍ବାଧିକ ଭାଷାରେ Software ବ୍ୟବସ୍ଥା କରାଯିବ ।

ବୈଶ୍ୱିକ ଆହ୍ୱାନ (Global Challenges) ସୃଷ୍ଟି କରୁଥିବା ବିଷୟ ଯଥା- Health care, Agriculture ଏବଂ ଜଳବାୟୁ ପରିବର୍ତ୍ତନ (Climate Change) A1 ମାଧ୍ୟମରେ ଗବେଷଣା NRF (National Research Foundation) ମାଧ୍ୟମରେ ଉପଲବ୍ଧ କରାଯିବାର ବ୍ୟବସ୍ଥା ରହିଛି ।

**ଆର୍ଥିକ ବ୍ୟବସ୍ଥା - (Financing) -** କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବରେ ଗୁଣାତ୍ମକ ଶିକ୍ଷା ପାଇଁ କାର୍ଯ୍ୟ କରିବେ ଏବଂ ଶିକ୍ଷା ବିଭାଗ (Education Section) ରେ 6% GDP ଉପଲବ୍ଧ କରାଇବା ପାଇଁ ଯୋଜନା ରଖାଯାଇଛି ।

**ଜାତୀୟ ଶିକ୍ଷାନୀତି କ୍ରିୟାନ୍ୱୟନ -** ଯେକୌଣସି ନୀତିର ପରିଣାମ କ୍ରିୟାନ୍ୱୟନ ଉପରେ ନିର୍ଭର କରେ । ବିଭିନ୍ନ ସଂସ୍ଥାନ ମାଧ୍ୟମରେ ଶିକ୍ଷାନୀତିର କ୍ରିୟାନ୍ୱୟନ ହେବ ଯଥା - କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ (MOE), CABE, କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ସମ୍ବନ୍ଧିତ ବିଭାଗ ରାଜ୍ୟର NTA, The Regulating Bodies of School and Higher Education, NCERT, SCERTs, Schools, HEIs ଏବଂ ସମୀକ୍ଷାତ୍ମକ ଯୋଜନା ମାଧ୍ୟମରେ କ୍ରିୟାନ୍ୱୟନ କରିବାର ବ୍ୟବସ୍ଥା ୧ମ ପର୍ଯ୍ୟାୟ, ୨ୟ ପର୍ଯ୍ୟାୟ, ୩ୟ ପର୍ଯ୍ୟାୟ, ୪ର୍ଥ ପର୍ଯ୍ୟାୟ, ୫ମ ପର୍ଯ୍ୟାୟ, ୬ଷ୍ଠ ପର୍ଯ୍ୟାୟ ଏହିଭଳି ୬ଟି ପର୍ଯ୍ୟାୟରେ ଯୋଜନା କରାଯାଇଛି ।

ବିଷୟ ଅନୁସାରେ କ୍ରିୟାନ୍ୱୟନ ସମିତି ବିଶେଷଜ୍ଞ ଏବଂ ସମ୍ବନ୍ଧିତ ମନ୍ତ୍ରଣାଳୟକୁ ନେଇ କେନ୍ଦ୍ର ସ୍ତରରେ ପର୍ଯ୍ୟାୟକ୍ରମେ ସଫଳତା ଶୀର୍ଷରେ ପହଞ୍ଚିବା ଯୋଜନା ତିଆରି ହେବ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ରାଜ୍ୟର ଶିକ୍ଷା ମନ୍ତ୍ରଣାଳୟ CABE ସହାୟତାରେ ୨୦୩୦-୪୦ ମସିହା ଭିତରେ ସଂପୂର୍ଣ୍ଣ କ୍ରିୟାନ୍ୱୟନ (entire policy will be in an operational mode) ଯୋଜନା ରହିଛି ।

ଏଭଳି ଏକ ସଂସ୍କାରିତ ଭାରତ କୈନ୍ଦ୍ରିକ ଯୋଜନା ଏକ ସୁବିସ୍ତୃତ ଯୋଜନା ଭାରତ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ ଯାହାର କ୍ରିୟାନ୍ୱୟନ କାରଣରୁ 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସ୍ୱପ୍ନ ସାକାର ହେବା ସହିତ ଭାରତକୁ 'ବିଶ୍ୱଗୁରୁ' ପ୍ରମାଣିତ କରିବ ।

*ସହ ସଂଗଠନ ମନ୍ତ୍ରୀ*

*ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଦିଲ୍ଲୀ*

# ଗାନ୍ଧୀ ଦର୍ଶନ ଓ ଜାତୀୟ ଶିକ୍ଷାନୀତି - ୨୦୨୦

*ଶ୍ରୀ ଅଶ୍ୱିନୀକୁମାର ନାୟକ*

ବଡ଼ଲୋକମାନେ ସାଧାରଣ ଲୋକ ପରି ପ୍ରଥମେ ଜନ୍ମ ନେଇ ଜୀବନ ଆରମ୍ଭ କରିଥାନ୍ତି । ସେମାନଙ୍କର ଅଲୌକିକ ପ୍ରତିଭା, ଅଧ୍ୟବସାୟ, ସାଧନା, କାର୍ଯ୍ୟ, ଚଳଣି ଓ ବିଚାର ସେମାନଙ୍କୁ ଆଗକୁ ଯିବାରେ ସାହାଯ୍ୟ କରେ । ତାକୁ ହିଁ ସେହି ବ୍ୟକ୍ତିର ଦର୍ଶନ ବୋଲି କୁହାଯାଏ । ସେହିପରି ଜଣେ ମହାପୁରୁଷ ଅଟନ୍ତି ମୋହନ ଦାସ କରମଚାନ୍ଦ ଗାନ୍ଧୀ ବା ଗାନ୍ଧିଜୀ ଏବଂ ତାଙ୍କର ଜୀବନ ଦୃଷ୍ଟିକୁ ବା ବିଚାରକୁ 'ଗାନ୍ଧୀ ଦର୍ଶନ' କୁହାଯାଏ । 'ଗାନ୍ଧୀ ଦର୍ଶନ' ଭାରତୀୟ ସମାଜ ତଥା ବିଶ୍ୱ ସମକ୍ଷରେ ଏକ ଉଦାହରଣ ରୂପେ ଦଣ୍ଡାୟମାନ । କ'ଣ ତାହା ଆସ ଆଲୋଚନା କରିବା । ଗାନ୍ଧିଜୀଙ୍କ ଲେଖା, ଭାଷଣ ଓ ବାଣୀ, ପୁସ୍ତକ ଆକାରରେ ଦେଖିବାକୁ ମିଳେ । ଅନେକ ଲୋକ ତାହା ପଢ଼ିଛନ୍ତି । ନିଜ ଜୀବନକୁ ତଦନୁସାରେ ଗଢ଼ିବାକୁ ପଣ ନେଇଛନ୍ତି । 'ଗାନ୍ଧୀ ଜୀବନ ଦର୍ଶନ'ର କେତେକ ଦିଗ - ୧) ସାଧା ଜୀବନ - ଉଚ୍ଚ ବିଚାର, ୨) ଅହିଂସା ପରମୋ ଧର୍ମ, ୩) ସତ୍ୟମେବ ଜୟତେ, ୪) ଗ୍ରାମୋଦୟ, ୫) ସର୍ବୋଦୟ, ୬) ମୌଳିକ ଶିକ୍ଷା, ୭) କାଟି ପିନ୍ଧ କୁଟି ଖାଅ, ୮) ଗ୍ରାମ ସ୍ୱରାଜ, ୯) ସ୍ୱଦେଶୀ, ୧୦) ସ୍ୱାବଲମ୍ବୀ ବା ସ୍ୱରୋଜଗାର ବା ଆତ୍ମ ନିର୍ଭର, ୧୧) ବିକେନ୍ଦ୍ରୀକରଣ, ୧୨) ସ୍ୱଚ୍ଛତା ଇତ୍ୟାଦି ।

ଉପରିଲିଖିତ ସମସ୍ତ ପ୍ରସଙ୍ଗକୁ ବିଚାର କରିବା ସହ ୨୦୨୦ ଜାତୀୟ ଶିକ୍ଷାନୀତି ସହ ତୁଳନାତ୍ମକ ଅଧ୍ୟୟନ କଲେ ଏହା ଯେ 'ଗାନ୍ଧୀ ଦର୍ଶନ'କୁ ସାକାର କରିବାକୁ ପୂର୍ଣ୍ଣ ପ୍ରାଣରେ ଚେଷ୍ଟା ବୋଲି ବୁଝିବାକୁ ହେବ । ଭାରତ ବର୍ଷର ଆତ୍ମା ତା'ର ଗାଆଁରେ ଅଛି, ଅର୍ଥାତ୍ ଗ୍ରାମର ଉନ୍ନତି ହେଲେ ଦେଶର ଉନ୍ନତି ହେବ । ଅତଏବ ଗ୍ରାମର ଲୋକମାନଙ୍କୁ ଶିକ୍ଷିତ କରିବାକୁ ହେବ କେମିତି ? ଶିକ୍ଷା ସହ ସ୍ୱରୋଜଗାର, ସ୍ୱାବଲମ୍ବନ, ଗ୍ରାମର ଉନ୍ନତି, ସର୍ବୋଦୟ, ଶ୍ରମନିଷ୍ଠା, କୁଟୀର ଶିଳ୍ପର ଉନ୍ନତି ସମ୍ବନ୍ଧରେ ଚିନ୍ତା କରିବାକୁ ହେବ । ଏହି ନୂତନ ଶିକ୍ଷାନୀତିରେ ଅଛି । ଧନ୍ଦାମୂଳକ ଶିକ୍ଷା, କୌଶଳ ଶିକ୍ଷା, ଯୁଗୋପଯୋଗୀ କୌଶଳ ଓ ଟେକ୍‌ନିକ ଶିକ୍ଷା । କେବଳ ପାଠ୍ୟକ୍ରମ, ପରୀକ୍ଷା, ଘୋଷି ମନେ ରଖି ଲେଖି ପ୍ରମାଣପତ୍ର ପାଇବା ଗାନ୍ଧିଜୀ ଚାହୁଁ ନ ଥିଲେ, ପ୍ରତ୍ୟେକ ବ୍ୟକ୍ତିକୁ କାମ ଦେବା ତାଙ୍କ ଦର୍ଶନର ଏକ ମୁଖ୍ୟ ଦିଗ, ତାହା ପୁଣି ଗ୍ରାମର ପ୍ରଗତିକୁ ଆଖିଆଗରେ ରଖି । ମାଣ୍ଡିଆ ବୁଣି କେହି ଧାନ ପାଏ ନାହିଁ । ଅର୍ଥାତ୍ ୟୁରୋପୀୟ ଓ ଆମେରିକୀୟ ବା ପାଶ୍ଚାତ୍ୟ ଦର୍ଶନ ପଢ଼ାଇ ଭାରତର ଉନ୍ନତି ସ୍ୱପ୍ନ ଦେଖିବା କେବଳ ଦିବା ସ୍ୱପ୍ନ । ଅତଏବ **'ଭାରତ କୈନ୍ଦ୍ରିକ ଶିକ୍ଷା'** ଜାତୀୟ ଶିକ୍ଷାନୀତି ୨୦୨୦ରେ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ଏଥିପାଇଁ Multi disciplinary Course ରଖାଯାଇଛି । ଆତ୍ମ ନିର୍ଭର ପାଇଁ ଧନ୍ଦାମୂଳକ ଶିକ୍ଷାକୁ middle stage ଅର୍ଥାତ୍ ୬ଷ୍ଠ ଶ୍ରେଣୀରୁ ଗୁରୁତ୍ୱ ଦିଆଯାଇଛି । ଯେକୌଣସି ବ୍ୟକ୍ତିର ପ୍ରଥମ ଶିକ୍ଷା ତା ପରିବାରରୁ ପରିବେଶରୁ ମିଳିଥାଏ । ତେଣୁ ଅଙ୍ଗନବାଡ଼ିରୁ ଔପଚାରିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଭାରତବର୍ଷକୁ ବୁଝିବାକୁ ହେଲେ ତା'ର ଆଞ୍ଚଳିକ ଭାଷା ମାଧ୍ୟମରେ ମାତୃଭାଷା ମାଧ୍ୟମରେ ଜାଣି ଶିକ୍ଷିତ ହେବାକୁ ହେବ । ସେଥିପାଇଁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନ । ଆଞ୍ଚଳିକ ଭାଷା ପ୍ରତି ଗୁରୁତ୍ୱ । 'ସଂସ୍କୃତ' ପ୍ରାୟ ସମସ୍ତ ଭାରତୀୟ ଭାଷାର ଜନନୀ । ଅନେକ ଶାସ୍ତ୍ର, ପୁରାଣ, ଶିଳ୍ପ କଳା, ବିଜ୍ଞାନ, ସ୍ଥାପତ୍ୟ, ଆୟୁର୍ବେଦ, ଖଗୋଳ, ଭୂଗୋଳ, ଅନ୍ତରୀକ୍ଷ ଜ୍ଞାନ, ବେଦ, ଉପନିଷଦ, ପୁରାଣ ପଢ଼ି ସେଥିରୁ ସୁଶିକ୍ଷା ପାଇବା ପାଇଁ ସଂସ୍କୃତ

ଭାଷାକୁ ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି, ଯାହା ଗାନ୍ଧୀ ଦର୍ଶନରୁ ଦେଖିବାକୁ ମିଳେ । ଅର୍ଥାତ୍ **ଜ୍ଞାନାଧାରିତ ସମାଜ** । ଏହି ଶିକ୍ଷାନୀତିର ଏକ ମୌଳିକ ବିଷୟ ରାଜ୍ୟ ରାଜ୍ୟ ସହ ସମ୍ବନ୍ଧ ସ୍ଥାପନ କରି ଜୀବିକା ନିର୍ବାହ ପାଇଁ ପଡ଼ୋଶୀ ରାଜ୍ୟ, ପଡ଼ୋଶୀ ଦେଶର ଭାଷା ଓ ଚଳଣି ଜାଣିବା ପାଇଁ ବିବିଧତାରେ ଏକତାକୁ ପ୍ରତିପାଦନ କରିବା ପାଇଁ ବହୁଭାଷୀ ଶିକ୍ଷଣ ଉପରେ ନୂତନ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି ।

ପ୍ରତି ବ୍ୟକ୍ତିକୁ କାମ 'ଗାନ୍ଧୀ ଦର୍ଶନ'ର ଆଉ ଏକ ଦିଗ । ପ୍ରତି ବ୍ୟକ୍ତି କାମ ପାଇବାକୁ ହେଲେ ତାକୁ ନିଜର ରୁଚି ଅନୁସାରେ କର୍ମ ବାଛିବାକୁ ହେବ । ତଦନୁସାରେ ଶିକ୍ଷିତ ହେବାକୁ ହେବ । ଉଚ୍ଚ ଶିକ୍ଷା ଓ ଅନୁସନ୍ଧାନ ତଦନୁସାରେ କରିବାକୁ ହେବ । ଏହାକୁ ଆଖି ଆଗରେ ରଖି ନୂତନ ଶିକ୍ଷାନୀତିରେ ଉଚ୍ଚ ଶିକ୍ଷାରେ Stream ବ୍ୟବସ୍ଥା ଉଠାଯାଇଛି । Free Entry Free Exit ବ୍ୟବସ୍ଥା ରଖିବା ସହ M.Phil କୁ ଉଠାଯାଇ Research ବ୍ୟବସ୍ଥାକୁ ସୁଗମ କରାଯାଇଛି ।

ଜଣେ ବ୍ୟକ୍ତିର ଶିକ୍ଷା ପୂର୍ଣ୍ଣାଙ୍ଗ ହୋଇଛି ସେତେବେଳେ କୁହାଯିବ ଯେତେବେଳେ ହାତକୁ କାମ, ତା'ର ବିଶାଳ ହୃଦୟ ଓ ଉଚ୍ଚ ମନ ଥିବ । ଏହି ଶିକ୍ଷାନୀତିରେ ସମଗ୍ର ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଜଡ଼ ଠାରୁ ଆରମ୍ଭ କରି ଜଗତ ସହ ତା'ର ସମ୍ପର୍କ କରି ଜଗଦୀଶଙ୍କ ସତ୍ତା ସବୁଠି ଅନୁଭବ କରିବା ଏବଂ 'ସର୍ବେ ଭବନ୍ତୁ ସୁଖିନଃ' ଭଳି ଉଚ୍ଚ ବିଚାର ପ୍ରତିଷ୍ଠା ପ୍ରତି ଏଥିରେ ଅଧିକ ଜୋର ଦିଆଯାଇଛି, ଯାହା ଗାନ୍ଧିଜୀଙ୍କ 'ସାଧା ଜୀବନ ଉଚ୍ଚ ବିଚାର' ପ୍ରତିଷ୍ଠାରେ ସହାୟକ ହେବ ଏବଂ 'ବସୁଧୈବ କୁଟୁମ୍ବକମ୍' ବିଚାର ପ୍ରତିଷ୍ଠା ପାଇଁ ଏହି ଶିକ୍ଷାନୀତିରେ ଯେକୌଣସି ଗୋଟିଏ ବିଦେଶୀ ଭାଷା ପଢ଼ିବାର ବ୍ୟବସ୍ଥା ମଧ୍ୟ ଅଛି । ବିଶ୍ୱ ସ୍ତରର ମାନ୍ୟତା ପାଇଥିବା ୧୦୦ଟି ଶ୍ରେଷ୍ଠ ବିଶ୍ୱ ବିଦ୍ୟାଳୟକୁ ସେମାନଙ୍କର ଶିକ୍ଷାନୁଷ୍ଠାନ ଚଳାଇବା ପାଇଁ ନିମନ୍ତ୍ରଣ ଉଦାର ଶିକ୍ଷାନୀତିର ଉଦାହରଣ ଓ ବିଶ୍ୱ ଶିକ୍ଷା ପ୍ରାପ୍ତି ପାଇଁ ଭାରତରେ ସୁଯୋଗ ।

ଉପରିଲିଖିତ ସମସ୍ତ ତଥ୍ୟ ଗାନ୍ଧୀ ଦର୍ଶନର ଏକ ପ୍ରୟୋଗାତ୍ମକ ଦିଗ ଅଟେ । ନୂତନ ଶିକ୍ଷାନୀତି - ୨୦୨୦ ଭାରତରେ ଗାନ୍ଧୀ ଦର୍ଶନର ପ୍ରକୃତ ପ୍ରତିଷ୍ଠା କରାଇ ପାରିବ ବୋଲି ମୋର ମନେ ହୁଏ ।

*ପ୍ରାନ୍ତ ପରୀକ୍ଷା ସଂଯୋଜକ,*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*

**ଶବ୍ଦ ସିନ୍ଧୁ**

## ପ୍ରତିଶବ୍ଦ

| | | | | | |
|---|---|---|---|---|---|
| ପ୍ରଭାତ | :- | ଅହର୍ମୁଖ, ପ୍ରାତଃ, ଉଷା, ପ୍ରଭାତ, ପ୍ରତ୍ୟୁଷ | ବିଜୁଳି | :- | ଚପଳା, ଚଞ୍ଚଳା, ବିଦ୍ୟୁତ୍, ଶମ୍ପା, ସୌଦାମିନୀ |
| ଦିନ | :- | ଘସ୍ର, ଅହ, ଦିବା, ଦିନ, ବାସର, ଦିବସ | ବଜ୍ର | :- | କୁଳିଶ, ଭିଦୁର, ପବି, ଦମ୍ଭୋଳି, ଅଶନି |
| ସୂର୍ଯ୍ୟ | :- | ଆଦିତ୍ୟ, ମିହିର, ପ୍ରଭାକର, ତ୍ୱିଷାମ୍ପତି | ଚନ୍ଦ୍ର | :- | ସୁଧାଂଶୁ, ହିମାଂଶୁ, ନିଶାକର, ସୁଧାକର |
| ଦୀପ୍ତି | :- | ପ୍ରଭା, ରୁଚି, ଶୋଚି, ଭାସ, ଛବି, ଆଭା, ଦ୍ୟୁତି | କିରଣ | :- | ଘୃଣି, ଧୃଷ୍ଟି, ଦୀଧତି, ମୟୂଖ, ଅଂଶୁ, କର |
| ସୁନ୍ଦର | :- | ଶୋଭନ, ମନୋଜ୍ଞ, ମନୋହର, ମନୋରମ | ଗଙ୍ଗା | :- | ଜାହ୍ନବୀ, ସୁରଳା, ବିଷ୍ଣୁପଦୀ, ସୁରଧ୍ୱନୀ |
| ଆକାଶ | :- | ଗଗନ, ଅମ୍ବର, ଅଭ୍ର, ଅନ୍ତରୀକ୍ଷ, ବ୍ୟୋମ | ନଦୀ | :- | ସରି, ତଟିନୀ, ତରଙ୍ଗିଣୀ, ସ୍ରୋତସ୍ୱିନୀ |
| ମେଘ | :- | ମୁଦିର, ନୀରଦ, ଘନ, ବାରିଦ, ଜୀମୂତ | ସମୁଦ୍ର | :- | ସାଗର, ବାରିଧି, ରତ୍ନାକର, ସରସ୍ୱାନ |
| ମେଘ ଗର୍ଜନ | :- | ମେଘ ନୋଘାଷ, ରସିତ, ଗର୍ଜିତ, ସ୍ତନିତ | ଜାହାଜ | :- | ଅର୍ଣ୍ଣବପୋତ୍, ବୋଇତ, ପୋତ, ଜଳଯାନ |
| ବର୍ଷା | :- | ବାରିଧାରା, ବୃଷ୍ଟି, ଧାରାସ୍ରାତ, ଆସାର | ନାଉରୀ | :- | କର୍ଣ୍ଣଧାର, ପୋତବାହ, ନାବିକ, ନାଉରୀ |
| ଜଳ | :- | ସଲିଳ, ଜୀବନ, ଅମ୍ବୁ, ତୋୟ, ବାରି, ନୀର | ଲହରୀ | :- | ଢେଉ, ଉର୍ମି, କଲ୍ଲୋଳ, ତରଙ୍ଗ |

**ଆନେ ହରଇ ତାର ଧନେ । ମଧୁ ସଞ୍ଚଇ ମାଛି ଯେହ୍ନେ ॥**

**ପ୍ରେରକ ପ୍ରସଙ୍ଗ**

# ରାସ୍ତାକଡ଼ର ଦେବତା

*ସସ୍ମିତା ସାହୁ*

ରାସ୍ତାକଡ଼ରେ କିମ୍ବା ମନ୍ଦିର ପାଖରେ ଭିକାରିମାନଙ୍କୁ ଦେଖିଲେ ଆମେ କିଛି ପଇସା ଦେଇ ଦେଉ । ଅତି ବେଶୀରେ କିଛି ଖାଇବାକୁ ଦେଇ ମନେ ମନେ ଖୁସି ହେଇଯାଉ ଯେ ଆମେ କିଛି ଗୋଟେ ବଡ଼ କାମ କରିଦେଲୁ ।

ମହାରାଷ୍ଟ୍ରର ପୁନେ ସହରରେ ରହୁଥିବା ଡାକ୍ତର ଅଭିଜିତ ସେନାଓ୍ୱାନେ ଓ ମନୀଷା ମହାପାତ୍ର ଏ ଭିକାରିମାନଙ୍କୁ ରାସ୍ତା କଡ଼ରେ ଚିକିତ୍ସା ପ୍ରଦାନ କରନ୍ତି ।

ଅଭିଜିତ ସବୁଦିନ ବ୍ୟାଗ ନେଇ ବାହାରି ଯାଆନ୍ତି ରାସ୍ତା କଡ଼କୁ । ସମାଜର ଅବହେଳିତ ଓ ଉପେକ୍ଷିତ ଲୋକମାନଙ୍କର ସେବା କରିବା ପାଇଁ ଯେଉଁ ଦିନ ଯେଉଁ ଦେବାଦେବୀଙ୍କର ଦିନ ହୋଇଥାଏ ସେହିଦିନ ମନ୍ଦିରରେ ଭିଡ଼ ହୁଏ ଏବଂ ବାହାର ଭିକାରି ମାନଙ୍କର ଭିଡ଼ ହୁଏ । ସେଇଠି ଅଭିଜିତଙ୍କର କ୍ଲିନିକ୍ ବି ଆରମ୍ଭ ହୋଇଯାଏ । ରୋଗୀମାନଙ୍କୁ ମାଗଣାରେ ଔଷଧ ଦିଅନ୍ତି ଏବଂ କିଛି ଗୁରୁତର ସମସ୍ୟା ଥିଲେ ଡାକ୍ତରଖାନାକୁ ନିଅନ୍ତି । କେବଳ ଭିକାରିମାନଙ୍କର ସେବା କରି ସନ୍ତୁଷ୍ଟ ହୁଅନ୍ତିନି । ସେମାନଙ୍କୁ ଭିକ ମାଗିବା ଛାଡ଼ି ରୋଜଗାର କରିବାକୁ ପ୍ରୋତ୍ସାହିତ ମଧ୍ୟ କରନ୍ତି ।

ଅଭିଜିତ କୁହନ୍ତି, 'ସେମାନଙ୍କର ଚିକିତ୍ସା କରୁ କରୁ ଗୋଟେ ଆତ୍ମୀୟତା ସୃଷ୍ଟି ହୋଇଯାଏ । ହୃଦୟର ସମ୍ପର୍କ ଯୋଡ଼ି ହେବା ପରେ ସେମାନଙ୍କୁ ଏଥିରୁ ନିବୃତ୍ତି ପାଇଁ ବୁଝେଇବା ସହଜ ହୋଇଯାଏ । ଏପର୍ଯ୍ୟନ୍ତ ୮୫୦ରୁ ଅଧିକ ଭିକାରି ଚିକିତ୍ସା କରିସାରିବା ସହ ପ୍ରାୟ ୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭିକ୍ଷାବୃତ୍ତି ତ୍ୟାଗ କରିବାକୁ ପ୍ରେରିତ କରିସାରିଛନ୍ତି ।

ଭିକାରି ଜୀବନର ପ୍ରାରମ୍ଭରେ ଗୋଟେ ଭିକାରି ପରିବାର ଠାରୁ ପାଇଥିବା ସାହାଯ୍ୟର ପ୍ରତିଦାନ କରିବାକୁ ଯାଇ ୨୦୧୫ ମସିହାରୁ ମେଡ଼ିକାଲରେ ବସି ରୋଗୀ ଦେଖିବା ଛାଡ଼ି ରାସ୍ତାରେ ବୁଲି ବୁଲି ଭିକାରିମାନଙ୍କର ଚିକିତ୍ସା କରୁଛନ୍ତି ।

ଭବିଷ୍ୟତରେ ଏଇ ଭିକାରିମାନଙ୍କ ପୁନର୍ବାସ ବା ଥଇଥାନ ନିମନ୍ତେ ଘର ଓ ରୋଜଗାର ଯୋଗାଇଦେବା ପାଇଁ ଆଶା ରଖିଛନ୍ତି । ଏମାନଙ୍କର ଏଇ ନିଆରା ଢଙ୍ଗର ସେବା ସମାଜ ପାଇଁ ପ୍ରେରଣାଦାୟୀ ।

ଅଭିଜିତ କୁହନ୍ତି, ଯଦି ତୁମକୁ କିଏ ସାହାଯ୍ୟ ମାଗୁଛି ତେବେ ତାକୁ ଏମିତି ସାହାଯ୍ୟ କର ଯେ, ସେ ପର ଉପରେ ନିର୍ଭରଶୀଳ ନ ହୋଇ ସ୍ୱାବଲମ୍ବୀ ହୋଇପାରିବ ଏବଂ ତାହା ହେବ ପ୍ରକୃତ ସାହାଯ୍ୟ ।

*ଥୋଣ୍ଟପୁର, ପୁରୀ*

**ଗଚ୍ଛନ୍ ପିପୀଲିକା ଯାତି ଯୋଜନାନାଂ ଶତାନ୍ୟପି ।**
**ଅଗଚ୍ଛନ୍ ବୈନତେୟୋଽପି ପଦମେକଂ ନ ଗଚ୍ଛତି ॥**

ପିମ୍ପୁଡ଼ିଟିଏ ବରାବର ଚାଲିଲେ ଶହେ ଯୋଜନ ଅତିକ୍ରମ କରିପାରିବ । ବେଗବାନ୍ ଗରୁଡ଼ ଯଦି ବସି ରହେ ତେବେ ଗୋଟିଏ ପାଦ ମଧ୍ୟ ଯାଇପାରିବ ନାହିଁ ।

ମର୍ତ୍ତ୍ୟ ମଣ୍ଡଳେ ଜନ୍ମ ହୋଇ । ଦେବତା ହୋଇଲେ ମରଇ ॥

**ଜୀବନ ମୂଲ୍ୟ**

# ଶରୀର (ସଂସାର) ବୃକ୍ଷରେ ଦୁଇଟି ପକ୍ଷୀ

✸ ଶ୍ରୀ ନରେନ୍ଦ୍ରକୁମାର ରାଉଳ

'ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ
ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ୟନଶ୍ନନ୍ନୟୋ ଅଭିଚାକଶୀତି ।'

ମୁଣ୍ଡକ ଉପନିଷଦର ଏହି ଶ୍ଲୋକ ଆମକୁ ସଚେତନ କରାଉଛି ସଂସାରରେ ତିନୋଟି ଜିନିଷ ଅନାଦି ଅଟେ । ତାହା ହେଉଛି ପରମାତ୍ମା, ଜୀବାତ୍ମା ଏବଂ ପ୍ରକୃତି । ଜୀବାତ୍ମା ଏବଂ ପରମାତ୍ମା ଦୁଇଜଣ ଜ୍ଞାନବାନ ଏବଂ ଚେତନ ଅଟନ୍ତି । ଦୁଇଟି ପକ୍ଷୀ ସଂସାରରୂପୀ ଏହି ଶରୀର ବୃକ୍ଷରେ ବିଦ୍ୟମାନ । ଜୀବାତ୍ମା ଅଳ୍ପଜ୍ଞ ଅଟେ । ନିଜର ଅଳ୍ପ ଜ୍ଞାନର କାରଣ ପାଇଁ ଜୀବ ଏହି ସଂସାର ବୃକ୍ଷର କର୍ମଫଳକୁ ସୁସ୍ୱାଦୁ ମନେ କରି ଏଥିରେ ଆସକ୍ତ ହୋଇଯାଇଛି । ପରମାତ୍ମା ସର୍ବଜ୍ଞ ଅଟନ୍ତି । ତାଙ୍କର କୌଣସି ଭୋଗର ଇଚ୍ଛା ନାହିଁ କି ଆବଶ୍ୟକ ମଧ୍ୟ ନାହିଁ । ତେଣୁ ସେ ଜୀବାତ୍ମାର କର୍ମଫଳ ଖାଇବା ସମୟରେ କେବଳ ସାକ୍ଷୀ ରୂପରେ ଦେଖୁଥାନ୍ତି । ଯିଏ କର୍ମଫଳ ଖାଇଥାଏ ତା'ର ପରିଣାମ ମଧ୍ୟ ତାକୁ ଭୋଗିବାକୁ ପଡ଼ିଥାଏ । ଅତଏବ ଜୀବକୁ ନିଷ୍କାମ ହୋଇ କର୍ମ କରିବା ସହିତ ତ୍ୟାଗ ମୂଳକ ସମର୍ପଣ ଭାବରେ ଭୋଗ କରି ପରମାତ୍ମାଙ୍କ ଶରଣରେ ଯିବା ବିଧେୟ । ଜୀବର କଲ୍ୟାଣ ସାଧିତ ହୋଇଥାଏ ।

ସମାନ ବୃକ୍ଷରେ ନିବାସ କରୁଥିବା ଜୀବାତ୍ମା ମୋହଗ୍ରସ୍ତ ହେବା ଯୋଗୁଁ ଅସମର୍ଥ ହୋଇ ଶୋକସନ୍ତପ୍ତ ଅବସ୍ଥାରେ ରହେ । ସେ ଯେତେବେଳେ ଯୋଗୀମାନଙ୍କର ଦ୍ୱାରା ସେବିତ ପରମାତ୍ମାଙ୍କ ମହିମାର ବୋଧ ଲାଭ କରେ ସେତେବେଳେ ସେ ମୁକ୍ତ ହୋଇଥାଏ । ଜୀବ ଯେତେବେଳେ ଦ୍ରଷ୍ଟା ରୂପ, ଆଲୋକମୟ, ପରମ ପୁରୁଷ, ବିଶ୍ୱର ଉତ୍ପତ୍ତି-କର୍ତ୍ତା, ବ୍ରହ୍ମାଙ୍କ ରଚୟିତାକୁ ଦେଖେ, ସେତେବେଳେ ସେହି ବିଦ୍ୱାନ ପାପ ପୁଣ୍ୟ ତ୍ୟାଗ କରି ନିର୍ମଳ ଓ ଶ୍ରେଷ୍ଠ ସାମ୍ୟରୂପ ଲାଭ କରେ । ଆତ୍ମଜ୍ଞାନୀ ସାଧକ ସମ୍ପୂର୍ଣ୍ଣ ବିଶ୍ୱ ସମାହିତ ଥିବା ସେହି ନର୍ମଳ ଓ ଜୋତିର୍ମୟ ବ୍ରହ୍ମଙ୍କ ପରମଧାମକୁ ଜାଣନ୍ତି । ଯେଉଁ ସାଧକ ନିଷ୍କାମ ଭାବରେ ପରମେଶ୍ୱରଙ୍କୁ ଉପାସନା କରନ୍ତି ସେହି ବିବେକୀ ପୁରୁଷ ଏହି ଶରୀର ଜନ୍ମ ଚକ୍ର (ଦେହ ବନ୍ଧନ)କୁ ଲଙ୍ଘନ କରିଥାନ୍ତି ।

ଏହି ଆତ୍ମା, ପ୍ରବଚନ ଦ୍ୱାରା ମିଳେ ନାହିଁ କିମ୍ବା ମେଧା (ବୁଦ୍ଧି) ଦ୍ୱାରା କିମ୍ବା ବହୁତ ଶ୍ରବଣ କଲେ ମଧ୍ୟ ମିଳେ ନାହିଁ । ଯେଉଁ ପୁରୁଷ କେବଳ ସେହି ଆତ୍ମାକୁ ପାଇବାର ଦୃଢ଼ ଇଚ୍ଛା କରନ୍ତି, ସେହି ଇଚ୍ଛା ଶକ୍ତି ଦ୍ୱାରା ହିଁ ଏହା ପ୍ରାପ୍ତ ହୋଇଥାଏ । ସେହି ସାଧକ ପାଇଁ ଆତ୍ମା ନିଜ ସ୍ୱରୂପକୁ ପ୍ରକଟ କରିଦିଏ । ଏହି ଆତ୍ମା ବଳହୀନ ପୁରୁଷକୁ ମିଳେ ନାହିଁ କିମ୍ବା ସଂଶୟଯୁକ୍ତ ବ୍ୟକ୍ତିକୁ ଅଥବା ତତ୍ତ୍ୱ ରହିତ ଜ୍ଞାନ ରହିତ ତପଶ୍ଚର୍ଯ୍ୟା ଦ୍ୱାରା ଏହା ମିଳି ନ ଥାଏ । ଯେଉଁ ଜ୍ଞାନୀ ପୁରୁଷ ଜ୍ଞାନଯୁକ୍ତ ତପ ଦ୍ୱାରା ଚେଷ୍ଟା କରନ୍ତି ତାଙ୍କୁ ଏହି ଆତ୍ମା ବ୍ରହ୍ମଧାମରେ ପ୍ରବେଶ କରାଇଦିଏ । ଯେଉଁ ବିଦ୍ୱାନ ପୁରୁଷ ସେହି ବ୍ରହ୍ମଙ୍କୁ ଜାଣି ପାରନ୍ତି ସେ ବ୍ରହ୍ମରୂପ ହୋଇ ଯାଆନ୍ତି ଓ ସବୁଥିରୁ ମୁକ୍ତ ହୋଇ ଅମରତ୍ୱ ଲାଭ କରନ୍ତି । "ବ୍ରହ୍ମ ବେଦ ବ୍ରହ୍ମୈବ ଭବତି ।"

*ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,*
*ଶି.ବି.ସ. ଓଡ଼ିଶା*

**ଅମର ବାଣୀ**

ଭଲ ଗୋଟେ ମାତୃଭାଷା କିସ ହେବ ଭାଇ
ଚଳି ଯାଉଅଛି କାମ ରୁଣ୍ଡାଇ ପୁଣ୍ଡାଇ ।
କୁକୁର କିମ୍ପାଇ ଗୋଟେ ବନାଇବ ଘର
ଚାଟି ବୁଲେ ବାରମିଶା ଅଇଁଠା ପତର ।
- ଫକିର ମୋହନ ସେନାପତି

ଯାବତ ଅଛି ମୋହପାଶ । ତାବତ ପିଣ୍ଡ ହୁଏ ନାଶ ॥

**ଭାଷା ବିଭବ**

# ସମାନ ଜନେ ବନ୍ଧୁପଣ

*ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ*

'ସମାନ ଜନେ ବନ୍ଧୁପଣ, ଏହିଟି ଉତ୍ତମ ଲକ୍ଷଣ ।' ଶ୍ରୀମଦ୍ ଭାଗବତର ଏହି ବାଣୀ ସମାଜରେ ଚଳିବା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ବନ୍ଧୁତା ପାଇଁ ଧନରେ ହେଉ କି ମାନରେ ହେଉ, ବୟସରେ ହେଉ ଅଥବା ଜ୍ଞାନରେ ହେଉ ସମାନତା ନିହାତି ଆବଶ୍ୟକ । ବିବାହ ସମୟରେ ନିଜର ସାମାଜିକ ସ୍ଥିତି ଅନୁସାରେ ଉପଯୁକ୍ତ ଚର୍ଚ୍ଚା ବା ସମ୍ମାନ ନ ପାଇଲେ ବରପିତାକୁ ସ୍ଥଳ ବିଶେଷରେ କନ୍ୟାପିତାକୁ ତାଙ୍କ ପାଖ ଲୋକମାନେ କହିଥାଆନ୍ତି, 'ଆପଣଙ୍କ ସମସ୍କନ୍ଧ ବନ୍ଧୁ ହେଲା ନାହିଁ ।' କେତେକ ବିରଳ ଉଦାହରଣକୁ ଛାଡ଼ି ଦେଲେ ଧନୀ-ଦରିଦ୍ର, ରାଜା-ରଙ୍କ, ପଣ୍ଡିତ-ମୂର୍ଖ, ସାଧୁ-ଅସାଧୁ ମଧ୍ୟରେ ବନ୍ଧୁତା ସ୍ଥାପିତ ହୋଇ ନ ଥାଏ, ଯଦିବା ହୁଏ ତାହା ଦୃଢ଼ ହୋଇ ନ ଥାଏ ନତୁବା ଦୀର୍ଘସ୍ଥାୟୀ ହୋଇ ନ ଥାଏ । ଉତ୍ତମର ହେୟଜ୍ଞାନ ଅଥବା ଅଧମର ନ୍ୟୂନଭାବ ବା ହୀନମନ୍ୟତା ସେଥିରେ ବାଧା ସୃଷ୍ଟି କରିଥାଏ । ବୟସର ତାରତମ୍ୟ ଥିଲେ ମଧ୍ୟ ସମାନ ବୃତ୍ତି ବା ବ୍ୟବସାୟ କାରଣରୁ ଲୋକମାନେ ପରସ୍ପର ବନ୍ଧୁତା ସ୍ଥାପନ କରିଥାଆନ୍ତି । ସାମାଜିକ ଚଳଣିରେ ବନ୍ଧୁତା ନିମନ୍ତେ ସମାନପଣର ଆବଶ୍ୟକତା ରହିଛି । ଲେଖିଲା ବେଳେ ଆମେ ବେଳେବେଳେ ସମାନ ପ୍ରକାରର ଶବ୍ଦ ପ୍ରୟୋଗ ନ କରି ଭୁଲ କରି ଥାଉ । ଭାଷାରେ ସମାନତା କିପରି ଆବଶ୍ୟକ ନିମ୍ନ ଉଦାହରଣଗୁଡ଼ିକରୁ ଜାଣି ହେବ ।

ତେବେ ଆମେ ସେହି ପଥର ଯାତ୍ରୀ ସାଜି ପାରୁ ନାହୁଁ କାହିଁକି ? ଭୟ, ସନ୍ଦେହ, ଅସମର୍ଥ, ଅନାଗ୍ରହ ନା ଆଉ କିଛି ? ଏଠାରେ ବ୍ୟବହୃତ ଭୟ, ସନ୍ଦେହ ଓ ଅନାଗ୍ରହ ବିଶେଷ୍ୟ ପଦ, ମାତ୍ର ଅସମର୍ଥ ବିଶେଷଣ ପଦ ହୋଇ ଥିବାରୁ ତା'ର ଉପଯୁକ୍ତ ପ୍ରୟୋଗ ହୋଇନାହିଁ । ଅସମର୍ଥ ବଦଳରେ **ଅସମର୍ଥତା** ବା **ଅସାମର୍ଥ୍ୟ** ପରି ବିଶେଷ୍ୟ ପଦ ବ୍ୟବହାର କରିଥିଲେ ଠିକ୍ ହୋଇଥାଆନ୍ତା ।

ଦୃଢ଼ ଆତ୍ମବଳ, ମନନଶୀଳ, ଅଧ୍ୟବସାୟ, ଏକନିଷ୍ଠ ଏକାଗ୍ରତା, ସମର୍ପିତ ଅଙ୍ଗୀକାରବଦ୍ଧତା ସ୍ୱପ୍ନ ପାଖରେ ସହଜରେ ପହଞ୍ଚାଇ ଦିଏ । ଏହି ବାକ୍ୟରେ ମଧ୍ୟ ବିଶେଷ୍ୟ ପଦମାନଙ୍କ ଗହଣରେ ମନନଶୀଳ ବିଶେଷଣ ପଦଟି ରହି ଯାଇଛି । ତା' ସ୍ଥାନରେ **ମନନଶୀଳତା** ଶବ୍ଦଟିକୁ ପ୍ରୟୋଗ କରିଥିଲେ ବାକ୍ୟଟି ଦୋଷମୁକ୍ତ ହୋଇଥାଆନ୍ତା ।

ଏଥିରେ କୌତୁକ, ସର୍ଜନଶୀଳ, ସହଭାଗିତା, ଅନ୍ୱେଷଣାତ୍ମକ ଏବଂ ଅନୁଭବାତ୍ମକ ଶିକ୍ଷଣ ବ୍ୟବସ୍ଥା ରହିବ । ଏହି ବାକ୍ୟଟିରେ କୌତୁକ ଓ ସହଭାଗିତା ବିଶେଷ୍ୟ ପଦ ଦୁଇଟି ସର୍ଜନଶୀଳ, ଅନ୍ୱେଷଣାତ୍ମକ ଏବଂ ଅନୁଭବାତ୍ମକ ବିଶେଷଣ ପଦମାନଙ୍କ ସହ ମିଶି ଯାଇଛନ୍ତି । ତେଣୁ ''ଏଥିରେ କୌତୁକୀ, ସର୍ଜନଶୀଳ, ସହଭାଗୀ, ଅନ୍ୱେଷଣାତ୍ମକ ଏବଂ ଅନୁଭବାତ୍ମକ ଶିକ୍ଷଣ ବ୍ୟବସ୍ଥା ରହିବ ବା ''ଏଥିରେ କୌତୁକ, ସର୍ଜନଶୀଳତା, ସହଭାଗିତା, ଅନ୍ୱେଷଣ ଏବଂ ଅନୁଭବର ଶିକ୍ଷଣ ବ୍ୟବସ୍ଥା ରହିବ'' ଲେଖିବା ଠିକ୍ ହେବ ।

ଯେଉଁ ପରିବାରରେ ଯତ୍ନଶୀଳ ଓ ଆଦାନପ୍ରଦାନର ମନୋଭାବ ନେଇ ସଦସ୍ୟମାନେ ଶାନ୍ତିମୟ ଜୀବନଯାପନ କରୁଥିଲେ, ବୟସ୍କମାନେ ସସମ୍ମାନେ ଜୀବନ ବିତାଉଥିଲେ, ତା'ର ଅବକ୍ଷୟ ହେଉଛି । ଏହି ବାକ୍ୟରେ ଯତ୍ନଶୀଳ ବିଶେଷଣ ପଦ ହୋଇଥିବା ବେଳେ ଆଦାନପ୍ରଦାନ ବିଶେଷ୍ୟ ପଦ । ଏଠାରେ **ଯତ୍ନଶୀଳତା** ଶବ୍ଦଟିକୁ ପ୍ରୟୋଗ କରିବା ଉଚିତ ମନେ ହୁଏ । ବକ୍ୟଟିକୁ ସଜାଡ଼ି ଲେଖିଲେ - 'ଯେଉଁ ପରିବାରରେ ଯତ୍ନଶୀଳତା ଓ ଆଦାନପ୍ରଦାନର ମନୋଭାବ ନେଇ ସଦସ୍ୟମାନେ ଶାନ୍ତିମୟ ଜୀବନଯାପନ କରୁଥିଲେ, ବୟସ୍କମାନେ ସସମ୍ମାନେ ଜୀବନ ବିତାଉଥିଲେ, ତା'ର ଅବକ୍ଷୟ ହେଉଛି' ହେବ ।

ବାତାବରଣକୁ ପ୍ରାଧାନ୍ୟ ଦେବାକୁ ହେଲେ ସ୍ୱଚ୍ଛତା, ସୁନ୍ଦରତା, ପବିତ୍ରତା, ଶାନ୍ତ, ଆନନ୍ଦମୟ, ସ୍ନେହପୂର୍ଣ୍ଣ ତଥା ପ୍ରମାଣମୂଳକ ବିଷୟ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ । ଏଠାରେ ସ୍ୱଚ୍ଛତା, ସୁନ୍ଦରତା ଓ ପବିତ୍ରତା ବିଶେଷ୍ୟ ପଦ ଶାନ୍ତ, ଆନନ୍ଦମୟ, ସ୍ନେହପୂର୍ଣ୍ଣ ତଥା ପ୍ରମାଣମୂଳକ ଆଦି ବିଶେଷଣ ପଦମାନଙ୍କ ସହ ମିଶି ରହିଛନ୍ତି । ତେଣୁ ବିଶେଷ୍ୟ ପଦଗୁଡ଼ିକୁ ବିଶେଷଣ ପଦରେ ପରିଣତ କରି ଲେଖିଲେ ତାହା ଏକ ନିର୍ଭୁଲ ବାକ୍ୟ 'ବାତାବରଣକୁ ପ୍ରାଧାନ୍ୟ ଦେବାକୁ ହେଲେ ସ୍ୱଚ୍ଛ, ସୁନ୍ଦର, ପବିତ୍ର, ଶାନ୍ତ, ଆନନ୍ଦମୟ, ସ୍ନେହପୂର୍ଣ୍ଣ ତଥା ପ୍ରମାଣମୂଳକ ବିଷୟ ପ୍ରତି ଧ୍ୟାନ ଦେବାକୁ ହୋଇଥାଏ' ରେ ପରିଣତ ହେବ । କ୍ରମଶଃ........

*ପ୍ରାନ୍ତ ନିରୀକ୍ଷକ, ଶିକ୍ଷା ବିକାଶ ସମିତି, ଓଡ଼ିଶା*

**କବିତା ପସରା**

# ମାସର ନାମ ମାର୍ଗଶିର

■ ଶ୍ରୀ ନୀଳାମ୍ବର ମହାନ୍ତ

ମାସ ମଧ୍ୟେ ଶ୍ରେଷ୍ଠ ମାର୍ଗଶିର ମାସ
ଆସେ କାର୍ତ୍ତିକର ପରେ
ଆନନ୍ଦ ଉଲ୍ଲାସ ସୁନା କ୍ଷେତ ଦେଖି
ଚଷା ଭାଇ ମନ ହରେ ।
ଗୋମାତା ସମ୍ମାନ ପୂଜା ଗୋବର୍ଦ୍ଧନ
ଆଦ୍ୟ ମାର୍ଗଶିର ମାସେ
ଶୀତର ଆସର କାକର ବିନ୍ଦୁ
ଉଷାର କିରଣେ ହସେ ।
ରାଣୀ ଲକ୍ଷ୍ମୀ ବାଈ ବାବା ସତ୍ୟସାଇ
ଲଭନ୍ତି ଜନମ ଏ ମାସେ
ମହିମା ତାଙ୍କରି ସୁଦୂରପ୍ରସାରୀ
ଜଗତର ସର୍ବ ଦିଶେ ।
ଗରୁଡ଼ ଦ୍ୱାଦଶୀ ବିବାହ ତୁଳସୀ
ବଢ଼ାନ୍ତି ମାସ ମହିମ
ବେଶ ନାଗାର୍ଜୁନ ପ୍ରଭୁ ନାରାୟଣ
ହୋଇ ଦିଅନ୍ତି ଦର୍ଶନ ।
ପ୍ରତି ଗୁରୁବାରେ ପୂଜନ୍ତି ସକଳେ
ମାତା ଲକ୍ଷ୍ମୀ ମନେ ଧାୟୀ
ତାଙ୍କରି ଆଶିଷ ମାର୍ଗଶିର ମାସ
ପାଇ ଶ୍ରେଷ୍ଠ ବୋଲାଇ ।
ରାହାସ ପୂର୍ଣ୍ଣିମା ଝୁଲଣ ଯାତରା
ଗାଁ ଦାଣ୍ଡେ ବୁଲେ ମେଲଣ
ପ୍ରଭୁଙ୍କର ଲୀଳା ନାନା ରଙ୍ଗେ ବୋଳ
ଧନ୍ୟ ଦେଖି ଏ ଜୀବନ ।
ବୋଇତ ବନ୍ଦାଣ ବ୍ରତ ସମାପନ
ଶେଷ ଦିନ ଏ ମାସର
ତଅପୋଇ କାହାଣୀ ବାଲିଯାତ୍ରା ପୁଣି
ବଖାଣେ ଏ ମାର୍ଗଶିର ।

*ମହତାବ ଉଚ୍ଚ ବିଦ୍ୟାଳୟ, ଚମ୍ପୁଆ*

# ମୋ ବିଦ୍ୟାଳୟ ମୋ ଗୌରବ

*ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବେହେରା*

ବିଦ୍ୟାଳୟ ମୋର ଅତି ଆପଣାର
ରଖିବି ତାହାର ଗର୍ବ ଗୌରବ
ଦୁନିଆ ବୁକୁରେ ଥାଏ ଯେଉଁଠାରେ
ବିତରିବି ସଦା ତା'ର ସୌରଭ ।
ଏଇ ବିଦ୍ୟାଳୟ ଶିଖାଇଛି ମୋତେ
କେତେ ନୂଆ ଗୀତ କେତେ କାହାଣି
ଦେଇଅଛି ମୋତେ ଉତ୍ତମ ସଂସ୍କାର
ଆଖିରେ ଭରିଛି ନୂଆ ଚାହାଣୀ ।
ଗୁରୁଜନେ ଭକ୍ତି ଦୁଃଖୀ ପ୍ରତି ଦୟା
ସହନଶୀଳତା ତ୍ୟାଗ ସମତା
ସମଗ୍ର ବସୁଧା ଗୋଟିଏ କୁଟୁମ୍ବ
ଶିଖାଇଛି ମୋତେ ସ୍ନେହ ମମତା ।
ପର ଉପକାର ସମୟାନୁବର୍ତ୍ତିତା
ସ୍ୱଚ୍ଛ ପରିବେଶ ଆମ ଶକତି
ସମର୍ପଣ ଭାବ ସାହସ ସନ୍ତୋଷ
ସମରସତା ଓ ଦେଶ ଭକତି ।
ଆମ ପରମ୍ପରା ସଂସ୍କୃତି ସୁରକ୍ଷା
ପୂଜ୍ୟପୂଜା ପୁଣି କେତେ ସୁଜ୍ଞାନ
ଅଣୁ ପରମାଣୁ ପରୀକ୍ଷା ନିରୀକ୍ଷା
ପଢ଼ିଅଛି ପୁଣି କେତେ ବିଜ୍ଞାନ ।
ବିଦ୍ୟାଳୟ ମୋର ଜନକଜନନୀ
ସାଙ୍ଗସାଥୀ ବନ୍ଧୁ ଭ୍ରାତା ଭଗିନୀ
ଦେଇଅଛି ମୋତେ ନୂଆ ପରିଚୟ
ତାହାକୁ କେବେ ମୁଁ ଭୁଲି ଯିବିନି ।

*ଶିକ୍ଷାସୃଜନୀ ପତ୍ରିକା ପ୍ରତିନିଧି*
*ଉତ୍ତର-ପୂର୍ବ ସମ୍ଭାଗ*

ତାବତ ଆତ୍ମା ନୋହେ ସୁଖୀ । ନିରତେ ତାପତ୍ରୟେ ଦୁଃଖୀ ।।

# ଶିକ୍ଷାର ନବ ଦିଗନ୍ତ

ଶ୍ରୀଯୁକ୍ତ ପ୍ରଦୀପକୁମାର କୁଅଁର

ନୂଆ ଶିକ୍ଷାନୀତି ନବ ପ୍ରଭାତେ
ଆନନ୍ଦେ ଗାଇବା ଆସ ସଙ୍ଗୀତେ ।
ଆମେ ଭାରତର ନବ କଳିକା
ଗଢ଼ିବାରେ ହାତେ ଧନ୍ଦା ମାଳିକା ।
ଆସ ହେ ସରବେ ଭାଇ ଭଉଣୀ
ଗାଇବା ଦେଶର ନବ କାହାଣୀ ।
ଉଇଁବ ଶିକ୍ଷାର ନବ ସୁରୂଜ
ସମସ୍ତଙ୍କ ମୁହୁଁ ଛାଡ଼ିବ ଲାଜ ।
କେତେ କେତେ ନୂଆ ଧନ୍ଦା ଶିଖିବା
ତା'ସଙ୍ଗରେ ପୁଣି ପାଠ ପଢ଼ିବା ।
ବଡ଼ ହେବା ଦିନେ ଆମେରେ ପୁଣି
ନିଜ ପାଖେ ଥିବ ହସର ମୁଣି ।
ନିଜ ରୋଜଗାର ନିଜର ହାତେ
ଚାକିରିକୁ କାହିଁ ଯିବା ପରତେ ?
ନିଜ ରୋଜଗାରେ ନିଜେ ଚଳିବା
କାହିଁକି କାହାକୁ ହାତ ପାତିବା ?
ଶିକ୍ଷାନୀତି ଦେବ ମନେ ସରସ
ପାଞ୍ଚ ତିନି ତିନି ଚାରି ବରଷ ।
ଆଜିଠାରୁ ଏଇ କଥାକୁ ଭାବି
ପାଠ ପଢ଼ି ହେବା ଦେଶର ଛବି ।

*ଆଚାର୍ଯ୍ୟ*
*ସ.ଶି.ବି.ମ., ନାଲକୋନଗର, ଅନୁଗୁଳ*

# ଆମକୁ ଶାସନ ଆମେ କରିଲୁ

ଶ୍ରୀ ସୁନୀଲ କୁମାର ଗୌଡ଼

ଭାରତ ଆମର ଜନମ ଭୂଇଁ
ଭାରତୀୟ ଆମେ ଭଉଣୀ ଭାଇ
ଥିଲା ଆମ ଦେଶ କେତେ ମହାନ
ବିଦେଶୀ ଶାସନେ ହେଲା ଶ୍ରୀହୀନ
ଆମ ଦୁର୍ବଳତା ସୁଯୋଗ ନେଇ
ବ୍ରିଟିଶ ଆସିଲେ ଦୂରରୁ କାହିଁ ।
ବେପାର ନାମରେ ଶାସନ କରି
ଦେଶ ଧନ ନେଲେ ଦରିଆ ପାରି
ଆମ ଲୋକଙ୍କୁ ସେ ଦେଲେ କଷଣ
ଦେଶବାସୀ ହେଲେ ଲହୁ ଲୁହାଣ ।
ଗାନ୍ଧୀ ନେହେରୁ ଯେ ସୁଭାଷ ପୁଣ
ତା ସାଥେ ଲଢ଼ିଲେ ସହି କଷଣ
କେତେ ସହୀଦ ଦେଲେ ବଳିଦାନ
ଯୁଗ ଯୁଗ ପାଇଁ ହେଲେ ମହାନ ।
ଉଣେଇଶି ଶହ ଶତଚାଳିଶି ସନ
ହେଲା ପରା ଆମ ଦେଶ ସ୍ୱାଧୀନ
ସ୍ୱାଧୀନତା ଆମେ ପାଇଲୁ ସତ
ବିଭାଜିତ କିନ୍ତୁ ହେଲା ଭାରତ
ତ୍ରିରଙ୍ଗା ପତାକା ଜନମ ନେଲା
ଜାତୀୟ ଧ୍ୱଜ ମାନ୍ୟତା ପାଇଲା
ସତ୍ୟ ଶାନ୍ତି ତ୍ୟାଗ ବାରତା ଦେଲା
ଭାରତ ଜଗତେ ବିଖ୍ୟାତ ହେଲା ।
ଆମ୍ବେଦକରଙ୍କ ଚେଷ୍ଟା ବଳରେ
ସମ୍ବିଧାନ ଗଢ଼ା ହେଲା ଦେଶରେ
ଉଣେଇଶି ଶହ ପଚାଶ ସାଲ
ଜାନୁଆରୀ ଛବିଶି ଶୁଭବେଳାର
ଗଣତନ୍ତ୍ର ଶାସନ ଆରମ୍ଭ କଲୁ
ଆମକୁ ଶାସନ ଆମେ କରିଲୁ ।

*ପ୍ରଧାନ ଆଚାର୍ଯ୍ୟ*
*ସ.ଶି.ବି.ମ., ଗଜପତିନଗର, ବ୍ରହ୍ମପୁର*

ପରମ ସୁଖ ବଇରାଗ । ଆଶା ପରମ ଦୁଃଖ ଯୋଗ ।।

# ଆତ୍ମନିର୍ଭର ଭାରତ

ଶ୍ରୀ ରଜନୀକାନ୍ତ ମିଶ୍ର

କାହା ଉପରେ ମୁଁ ବୋଝ ହେବି ନାହିଁ ଏ ବେଳେ
ଦେଖ ଦକ୍ଷତାକୁ ନେଇକି କେମିତି ମୁଁ ଚଳେ
ଯାହା ଅଛି ମୋର ସାଇତା ସମ୍ବଳ ପାଖରେ
ତାକୁ ନେଇ ମୁହିଁ କାମେ ଲଗାଇବି
କିହିବି ଦୁନିଆ ଦେଶରେ ।

ଭାତ ମୁଠା ପାଇଁ ହାତ ପାତିବିନି କେଉଁଠି
ଲୋଡ଼ିବିନି ସାହା ବିପଦେ ପଡ଼ିବି ଯେଉଁଠି
ନିଜ ନଉକାକୁ ବାହି ନେବି ନିଜ ବଳରେ
ସୁନ୍ଦର ଥାନରେ ନେଇ ଲଗାଇବି
ବୁଦ୍ଧି ବିଦ୍ୟା କଉଶଳରେ ।

ଧରସର ହେବି ନାହିଁ ଦେଖି କା'ର ଧନକୁ
ଆକଟ ଭିତରେ ଚଳାଇବି ମୋର ମନକୁ
ଝାଳକୁ ନିଗାଡ଼ି ଦେହରୁ ମୋହର ଚଳିବି
ଯେତେ ବାଧା ଆସୁ ପଛେ ଏ ଜୀବନେ
ସତପଥୁ ମୁଁ ନ ଟଳିବି ।

ଜଗତର ସାଇଁ ଦେଇଛନ୍ତି ବାହୁ ଦୁଇଟି
ଅମାପ ରତନ ଖଞ୍ଜିଛନ୍ତି ମୋର ପାଇଁଟି
ତାକୁ ଯଦି ବୁଝି ପାରିଲି ନାହିଁ ଏ ଜୀବନେ
ଆଗରେ କେମିତି ପହଞ୍ଚିବି କୁହ
ଦେଖିଥିବା ସେଇ ସପନେ ?

ସପନକୁ ଦେଖି ସେ ବାଟରେ ଯିଏ ଚଳିଲା
ଆତମ ନିର୍ଭର ଭାରତେ ତା'ନାମ କଳିଲା
ତା'ପାଖରେ କିଛି ଅଭାବ ରହିବ ନାହିଁରେ
ବିଶ୍ୱ ଦରବାରେ ଦେଶର ନାମକୁ
ଉଚ୍ଚ କରିଯିବ ସେହିରେ ।

*ଅନନ୍ତନାରାୟଣ ହାଇସ୍କୁଲ*
*ନରସିଂହପୁର, କଟକ*

# ଧନୁଯାତ୍ରା

*ତୃପ୍ତି ଦାଶ (ମିଶ୍ର)*

ଧନୁଯାତ୍ରା ହୁଅଇ ଯେ ପୌଷ ପୂର୍ଣ୍ଣିମାରେ
କଂସ ମହାରାଜା ବିଜେ ମଥୁରା ନଗରେ ।
ଅତ୍ୟାଚାରେ ଥରହର ମଥୁରା ନଗରୀ
ଦେବକୀ ବସୁଦେବ ଯେ କଂସର ବଇରୀ ।
ଜାଜ୍ୱଲ୍ୟମାନ ମଣ୍ଡପେ ବିଜେ ମହାରାଜା
ଅନ୍ୟାୟ ଅସହ୍ୟ ହୁଏ ଭୟଭୀତ ପ୍ରଜା ।
ଗୋପପୁରେ କୃଷ୍ଣଲୀଳା ଅତି ମନୋହର
କାଳୀୟ ଦଳନ ପୁଣି ରାଧା ପ୍ରେମ ସାର ।
ପୌରାଣିକ କଥାବସ୍ତୁ ହୁଏ ଦୃଷ୍ଟିପାତ
ସମୀର ଶୀତଳ ସାଙ୍ଗେ ରାତି ଶୀତଶୀତ ।
କଂସର ଆଦେଶେ କୃଷ୍ଣ ବଳରାମ ବିଜେ
ଭଣଜାଙ୍କୁ ଦେଖି ପଡ଼େ ମଞ୍ଚାରୁ ସେ ନିଜେ ।
ମହା ସମାରୋହେ ଚାଲେ ଧନୁଯାତ୍ରା ମେଳା
ବିଶ୍ୱ ପ୍ରସିଦ୍ଧ ଅଟଇ ବରଗଡ଼ ଜିଲ୍ଲା ।
ପୌଷମାସ ପୂର୍ଣ୍ଣିମାରେ ହୁଏ ଏ ଉତ୍ସବ
କେତେ ମେଳା ନାଟ ପୁଣି ଯାତ୍ରା ମହୋତ୍ସବ ।
ମଞ୍ଚାରୁ ପଡ଼ି ମାମୁଙ୍କ ପ୍ରାଣ ଚାଲିଯାଏ
ମଥୁରା ନଗରୀ ହର୍ଷେ ତ୍ରାହି ତ୍ରାହି ଗାଏ ।

*ଶାନ୍ତିପଡ଼ା, ବଲାଙ୍ଗୀର*

**ସପ୍ତ ଚକ୍ର**

୧) ସହସ୍ରାର
୨) ଆଜ୍ଞାଚକ୍ର (କଳ୍ପନା ଶକ୍ତି)
୩) ବିଶୁଦ୍ଧ ଚକ୍ର (କର୍ଣ୍ଣ ଶକ୍ତି)
୪) ଅନାହତ ଚକ୍ର (ରୀତି) ପ୍ରେମ
୫) ମଣିପୁର ଚକ୍ର (ସୂର୍ଯ୍ୟଚକ୍ର) ଜ୍ଞାନ
୬) ସ୍ୱାଧିଷ୍ଠାନ ଚକ୍ର (ନାଭି) ଆବେଗ
୭) ମୂଳାଧାର ଚକ୍ର (ମଳଦ୍ୱାର) ଜୀବନୀ ମକ୍ତ

**ଯହିଁ ଅନେକ ଲୋକ ମିଳି । ଅବଶ୍ୟ ଉପୁଜଇ କଳି ।।**

# କରିବି ସ୍ୱଦେଶୀ ବ୍ୟବହାର

ଶ୍ରୀମାନ୍ ସାର୍ଥକ ଶୋଭନ ଘଡ଼େଇ

ମୋ ଦେଶ ସମ କି ରହିଛି ଦେଶ
ଭୁବନ ଭିତରେ ଅଛି ଯା' ଯଶ
ପ୍ରାଣ ଠାରୁ ବଳି ବଡ଼
ଯାହାର ମମତା ହାତ ଧରି ମୋର
ଜିଣାଏ ବଇରୀ ଗଡ଼ ।
ମାଟି ପାଣି ବାୟୁ ଉତ୍ତାପ ନଭ
ସୁନାର ଫସଲ ରତ୍ନ ଦରବ
ଦେଇଅଛି ସିଏ ଭେଟି
ତା'ବଳରେ ମୁହିଁ ସୁଖଶରଧାକୁ
ତୋଳି ଧରିପାରେ ଏଠି ।
ବଣ ପରବତ ଝରଣା ନଦୀ
ଖଣି ଖାଦାନକୁ କରିଛି ବନ୍ଦୀ
ଶିଖାଇଛି ନୂଆ କଥା
ମୁନି ଋଷି ସାଧୁ ସନ୍ଥ ଦେବଗଣ
ଆଶିଷ ଛୁଏଁ ମୋ ମଥା ।
ବତୀଘର ହୋଇ ଆଗରେ ମୋର
ଯିବାକୁ ଦେଖାଏ ବାଟ ଉପର
ତା' ବଳରେ ମୁହିଁ ସୁଖୀ
ମାଟିରେ ମଗନ ହୋଇ କାଳକାଳ
ହେବି ନାହିଁ କେବେ ଦୁଃଖୀ ।
ଭାରତ ମାଆର କରି ଆଦର
କରିବି ସ୍ୱଦେଶୀ ମୁଁ ବ୍ୟବହାର
ବିଦେଶୀ ଦରବ ଛାଡ଼ି
ଆପଣା ଜ୍ଞାନରେ ସଂସ୍କୃତିକୁ ମୋର
ଆଗ ନେବି ଲାଗିପଡ଼ି ।
ବୁଝାଇ କହିବି ସାଥି ମେଳରେ
ସ୍ୱଦେଶୀ ଦରବ ଜ୍ଞାନ ବଳରେ
ବଢ଼ାଅ ଦେଶର ପାଣ୍ଠି
ଜବାବ ଦିଅ ହେ ! ବଣିଜରେ ଧନ
ନେଉଛନ୍ତି ଯିଏ ଲୁଟି ।

+୨ ବିଜ୍ଞାନ ପ୍ରଥମ ବର୍ଷ
ସ.ବି.ମ., କେଶବଧାମ, କଟକ

# ଆସିଲାରେ ଶୀତ ଆସିଲା

ଶ୍ରୀ ବସନ୍ତକୁମାର ପ୍ରଧାନ

ଆସିଲାରେ ଶୀତ ଆସିଲା
ଉତ୍ତର ଦିଗରୁ କାଲୁଆ ପବନ
ଧୀରେ ଧୀରେ ଦେଖ ବହିଲା ।
ଶୀତେ ଥରିଲାଣି ସବୁରି ଦେହ
ନୁଖୁରା ଦିଶଇ ଦେହ ମୁହଁ
ସାଲ୍ ସୁଏଟର ଜ୍ୟାକେଟ କମ୍ବଳ
ପେଡ଼ିରୁ ବାହାର ହୋଇଲା ।
ଗରିବ ଲୋକଙ୍କ ଦୁଃଖର ଦିନ
ବୁଢ଼ାବୁଢ଼ୀ ପାଇଥାନ୍ତି କଷଣ
ଶୀତର ଦାଉରୁ ରକ୍ଷା ପାଇବାକୁ
ଗାଁ ଦାଣ୍ଡେ ନିଆଁ ଜଳିଲା ।
ଗରମ ଖାଦ୍ୟରେ ମନ ବଳଇ
ଥଣ୍ଡା ଚିଜମାନ ରହେ ଦୂରେଇ
ଗରମ ମୁଢ଼ି ବରା ପକୁଡ଼ି
ଖାଇବାକୁ ମନ ବଳିଲା ।
ପନି ପରିବାରେ କ୍ଷେତ ଶୋଭିତ
ସୋରିଷ ଫୁଲରେ ମନ ମୋହିତ
ମାଣବସା ସରସ୍ୱତୀ କେତେ ପୂଜା
ଆସିବାକୁ ସଜ ହୋଇଲା ।

ଶିକ୍ଷକ
ସରକାରୀ ପ୍ରାଥମିକ ବିଦ୍ୟାଳୟ, ହରିହରପୁର, ଅନୁଗୁଳ



ପୁତ୍ର କଳତ୍ର ପଶୁ ଦାସେ । ଏହାଙ୍କୁ ପୋଷି ଦେହ ଆଶେ ।।

ଗୀତା ଜ୍ଞାନ

# ଓଁ ଶ୍ରୀ ପରମାତ୍ମନେ ନମଃ

* ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ



ଶ୍ରୀମଦ୍ ଭଗବତ୍ ଗୀତାର ସପ୍ତମ ଶ୍ଳୋକରେ ଅର୍ଜୁନ 'ତ୍ୱାମ୍ ପ୍ରପନ୍ନମ୍' କହି ଭଗବାନ ଶ୍ରୀକୃଷ୍ଣଙ୍କର ଶରଣାଗତ ତ ହୋଇଗଲେ ପରନ୍ତୁ ସେ ସମ୍ପୂର୍ଣ୍ଣ ଭାବରେ ନିଜର ମନକୁ ବୁଝାଇ ପାରି ନ ଥିଲେ । ଯୁଦ୍ଧ କରିବା ନିମନ୍ତେ ଦଣ୍ଡାୟମାନ ଅର୍ଜୁନ ଆତ୍ମୀୟ ସ୍ୱଜନମାନଙ୍କୁ ଦେଖି ବିଶାଦଗ୍ରସ୍ତ ହୋଇ ରାଜ୍ୟଭୋଗ ଓ ସୁଖକୁ ତୁଚ୍ଛ ମନେକଲେ । ଯୁଦ୍ଧ ନ କରିବା ସପକ୍ଷରେ ଅର୍ଜୁନଙ୍କ ଦ୍ୱାରା ଉପସ୍ଥାପିତ ଯୁକ୍ତିଗୁଡ଼ିକୁ ଭଗବାନ କର୍ଣ୍ଣପାତ ନ କରି ଅର୍ଜୁନଙ୍କୁ ଦୁର୍ବଳତା ତ୍ୟାଗ କରି ଯୁଦ୍ଧ କରିବା ପାଇଁ ଠିଆ ହେବାକୁ ଆହ୍ୱାନ କଲେ । (କ୍ଷୁଦ୍ରମ୍ ହୃଦୟ ଦୌର୍ବଲ୍ୟମ୍ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ)

ଏହିପରି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ଅର୍ଜୁନ ଚିନ୍ତା କରୁଛନ୍ତି କି, ଉଭୟ ଯୁଦ୍ଧ ତ୍ୟାଗ ଓ ଯୁଦ୍ଧରେ ପ୍ରବୃତ୍ତ ହେବା ତାଙ୍କ ପକ୍ଷରେ ସୁଖ ଦାୟକ ହୋଇ ନ ପାରେ । ତେଣୁ ନିଜ ହୃଦୟର ଏହି ଭାବକୁ ସେ ୨ୟ ଅଧ୍ୟାୟର ଅଷ୍ଟମ ଶ୍ଳୋକରେ ନିମ୍ନ ପ୍ରକାରେ ବ୍ୟକ୍ତ କରିଛନ୍ତି ।

ନ ହି ପ୍ରପଶ୍ୟାମି ମମାପନୁଦ୍ୟାତ୍
ଯଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍
ଅବାପ୍ୟ ଭୂମାବସପତ୍ନମୃଦ୍ଧଂ
ରାଜ୍ୟଂ ସୁରାଣାମପି ଚ ଆଧିପତ୍ୟମ୍ ॥

କାରଣ ପୃଥିବୀରେ ଧନଧାନ୍ୟ ସମୃଦ୍ଧ ଶତ୍ରୁବିହୀନ (ନିଷ୍କଣ୍ଟକ) ରାଜ୍ୟ ଏବଂ ସ୍ୱର୍ଗରେ ଦେବଗଣଙ୍କ ଆଧିପତ୍ୟ ମିଳିଗଲେ ମଧ୍ୟ ଇନ୍ଦ୍ରିୟମାନଙ୍କୁ ସନ୍ତାପିତ (ଦୁଃଖ ଦେଉଥିବା) ମୋର ଏହି ଶୋକ ଯେ ନିବାରିତ ହୋଇ ପାରିବ ଏହା ମୁଁ ଦେଖିପାରୁ ନାହିଁ ।

ଏହା ପୂର୍ବରୁ ପ୍ରଥମ ଅଧ୍ୟାୟର ୩୨ ଓ ୩୩ତମ ଶ୍ଳୋକରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଥିଲେ ଯେ ତାଙ୍କର ବିଜୟ ଓ ରାଜ୍ୟଭୋଗର କାମନା ନାହିଁ । କାରଣ ବନ୍ଧୁ ଓ ପରିଜନମାନେ ଯୁଦ୍ଧରେ ମୃତ୍ୟୁବରଣ କଲେ ସେମାନଙ୍କ ଆବର୍ତ୍ତମାନରେ ରାଜ୍ୟସୁଖର କୌଣସି ମୂଲ୍ୟ ନାହିଁ । ଅବଶ୍ୟ ଏହି ଶ୍ଳୋକରେ ଅର୍ଜୁନ ନିଜର କୌଟୁମ୍ବିକ ମୋହ କାରଣରୁ ଯୁଦ୍ଧରୁ ବିରତ ହେବାକୁ ଚାହୁଁଥିଲ କିନ୍ତୁ ଦ୍ୱିତୀୟ ଅଧ୍ୟାୟର ଅଷ୍ଟମ ଶ୍ଳୋକରେ ନିଜର ଆତ୍ମକଲ୍ୟାଣ ଦୃଷ୍ଟିରୁ ଯୁଦ୍ଧରୁ ନିବୃତ୍ତ ହେବାକୁ କାମନା କରୁଛନ୍ତି । ସେଥିପାଇଁ ସେ ଭଗବାନଙ୍କ ଶରଣାଗତ ହୋଇଛନ୍ତି (ପୂର୍ବ ସପ୍ତମ ଶ୍ଳୋକ ପ୍ରକାରେ) । ପାର୍ଥିବ ସୁଖ ଓ ସୁବିଧା ମାଧ୍ୟମରେ ପୂର୍ଣ୍ଣ କଲ୍ୟାଣ ଯେ ହୋଇ ପାରିବ ଏହାକୁ ଅର୍ଜୁନ ବସ୍ତୁତଃ ମାନି ନାହାନ୍ତି । ତେଣୁ ସେ କହୁଛନ୍ତି ଯେ, ଇନ୍ଦ୍ରିୟମାନଙ୍କୁ ଶୁଷ୍କ କରାଉଥିବା ଦୁଃଖ ଦୂର କରିପାରିବା ପରି କୌଣସି ଉପାୟ ସେ ଦେଖି ପାରୁ ନାହାନ୍ତି । (ଯତ୍ ଶୋକମ୍ ଉଚ୍ଛୋଷଣମ୍ ଇନ୍ଦ୍ରିୟାଣାମ୍)

ନିଜର ବକ୍ତବ୍ୟ ଓ ଭଗବାନ ଶ୍ରୀକୃଷ୍ଣଙ୍କ କଥା ଓ ଆଦେଶକୁ ଆଖି ଆଗରେ ରଖି ଅର୍ଜୁନ ବିଚାର କରୁଛନ୍ତି ଯେ ତାଙ୍କ ପକ୍ଷରେ ଯୁଦ୍ଧ ନ କରିବା ବୋଧ ହୁଏ ସମୀଚୀନ ହେବ । ସଞ୍ଜୟ ଅର୍ଜୁନଙ୍କର

ଦେହର ସଙ୍ଗେ ଏ ରହନ୍ତି । ମରଣେ କେହି ନ ଯାଆନ୍ତି ॥

ଏହି ଭାବନାକୁ ପରବର୍ତ୍ତୀ ନବମ ଶ୍ଳୋକରେ ବର୍ଣ୍ଣନା କରୁଛନ୍ତି ।

ସଞ୍ଜୟ ଉବାଚ –

ଏବମ୍ ଉକ୍ତ୍ୱା ହୃଷୀକେଶଂ ଗୁଡ଼ାକେଶଃ ପରନ୍ତପ
ନ ଯୋତ୍ସ୍ୟ ଇତି ଗୋବିନ୍ଦମ୍ ଉକ୍ତ୍ୱା ତୂଷ୍ଣୀଂ ବଭୂବ ହ ।

ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ହେ ରାଜନ ! ନିଦ୍ରାଜୟୀ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ ଏହିପରି କହିଲେ (ପୂର୍ବ ଶ୍ଳୋକରେ କଥିତ) ଏବଂ ଶ୍ରୀ ଗୋବିନ୍ଦ ଭଗବାନଙ୍କୁ ମୁଁ ଯୁଦ୍ଧ କରିବି ନାହିଁ ବୋଲି କହି ଚୁପ୍ ହୋଇଗଲେ ।

ଯଦ୍ୟପି ଅର୍ଜୁନ ଭଗବାନଙ୍କ କଥାକୁ ସମ୍ମାନ ଦିଅନ୍ତି ଓ ତାଙ୍କୁ ମାନିବାକୁ ଚାହାନ୍ତି କିନ୍ତୁ ତାଙ୍କ (ଭଗବାନଙ୍କର) ଆହ୍ୱାନକୁ ସେ ଗ୍ରହଣ କରିପାରୁ ନାହାନ୍ତି । ଏହିଭଳି ପରିସ୍ଥିତିରେ ଯୁଦ୍ଧ କରିବି ନାହିଁ ବୋଲି ଚୁପ୍ ରହିବା ଉଚିତ ମନେ କଲେ । ପୂର୍ବରୁ ତ ସେ ନିଜର ଭାବନା ଓ ପ୍ରତିକ୍ରିୟାକୁ ଭଗବାନଙ୍କ ନିକଟରେ ବ୍ୟକ୍ତ କରିସାରିଥିଲେ ତେଣୁ ତାଙ୍କର ଅନ୍ୟ କିଛି କହିବା ବାକି ନ ଥିଲା । କୌଣସି ବ୍ୟକ୍ତି ଯଦି କୌଣସି କଥାକୁ ଠିକ୍ ଭାବରେ ବୁଝିପାରେ ନାହିଁ କିମ୍ବା ଠିକ୍ ନିର୍ଣ୍ଣୟରେ ପହଞ୍ଚିପାରେ ନାହିଁ ବା ଯେତେବେଳେ ତା'ର ବକ୍ତବ୍ୟ ଶେଷ ହୁଏ ସେତେବେଳେ ସେ ଚୁପ୍ ହୋଇଯାଏ । ଅର୍ଜୁନଙ୍କ କ୍ଷେତ୍ରରେ ଏହି ମାନସିକ ସ୍ଥିତି ଉପନୀତ ହୋଇଛି ।

ଭଗବାନଙ୍କ ଶିଷ୍ୟତ୍ୱ ଗ୍ରହଣ କରି ତାଙ୍କର ଶରଣାଗତ ହୋଇ ଉପଦେଶ କାମନା କରୁଥିବା ଅର୍ଜୁନ ଏତାଦୃଶ ନିର୍ଣ୍ଣୟ (ଯୁଦ୍ଧ କରିବି ନାହିଁ) ଯଦିଓ ଅର୍ଜୁନଙ୍କ ବ୍ୟକ୍ତିତ୍ୱ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ ପରନ୍ତୁ ତାଙ୍କର ଏହିପରି ଆଚରଣ ଆଧାରରେ ହିଁ ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତାର ପରବର୍ତ୍ତୀ ଶ୍ଳୋକ ମାଧ୍ୟମରେ ଜଗତ କଲ୍ୟାଣକାରୀ ଉପଦେଶାତ୍ମକ ପ୍ରଦାନ କରି ଅର୍ଜୁନଙ୍କ ଦ୍ୱିଧା ନିବାରଣ ପୂର୍ବକ ତାଙ୍କର ମାର୍ଗଦର୍ଶନ କରାଇଛନ୍ତି ।

ଭଗବାନଙ୍କ ବିଭିନ୍ନ ନାମ ତାଙ୍କର ବିବିଧ କାର୍ଯ୍ୟ ଓ ଗୁଣର ବିଶେଷତା ଓ ମହିମାକୁ ପ୍ରକଟିତ କରିଥାଏ । ଆଲୋଚ୍ୟ ନବମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଗୋବିନ୍ଦ ବିଶେଷ୍ୟର ପ୍ରୟୋଗ କରାଯାଇଛି । ଏହି ସମ୍ବୋଧନ ପ୍ରଥମ ଅଧ୍ୟାୟର ୩୨ତମ ଶ୍ଳୋକରେ ମଧ୍ୟ ପ୍ରଯୁକ୍ତ ହୋଇଛି । ଯାହାଙ୍କ ସ୍ୱରୂପକୁ ବେଦବାଣୀ (ଜ୍ଞାନ) ଦ୍ୱାରା ଜାଣି ହୁଏ ବା ଉପଲବ୍ଧି କରିହୁଏ ସେ ଗୋବିନ୍ଦ ଅଟନ୍ତି ।

'ବୈଦବାକ୍ୟୈର୍ବିଦ୍ୟତେ ଲଭ୍ୟତେ ଇତି ଗୋବିନ୍ଦ ।'

ଭଗବାନ ବେଦ ଦ୍ୱାରା ଜ୍ଞାତବ୍ୟ ଅଟନ୍ତି । ସେ ମଧ୍ୟ ସମସ୍ତ ଜ୍ଞାନର କର୍ତ୍ତା ଓ ଜ୍ଞାତା । ସମସ୍ତ ଶାସ୍ତ୍ର ଓ ଜ୍ଞାନର ମୂଳ ଉଦ୍ଦେଶ୍ୟ ପରମାତ୍ମାଙ୍କ ଉପଲବ୍ଧି । ଶ୍ରୀମଦ୍ ଭଗବତ ଗୀତାର ପଞ୍ଚଦଶ ଅଧ୍ୟାୟର ୧୫ତମ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି ଯେ ସେ ସମସ୍ତ ଜ୍ଞାନର ଚରମ ଶ୍ରେୟ ଅଟନ୍ତି ଓ ସେ ହିଁ ଜ୍ଞାନ ।

ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ
ବେଦାନ୍ତ କୃଦ୍ ବେଦବିଦେବ ଚ ଅହମ୍ ।

ସମସ୍ତ ବେଦ ଦ୍ୱାରା ଏକାମାତ୍ର ମୁଁ ହିଁ ଜାଣିବାର ଯୋଗ୍ୟ ତଥା ମୁଁ ହିଁ ବେଦାନ୍ତ କର୍ତ୍ତା ଓ ବେଦଜ୍ଞ ଅଟେ ।

ଅର୍ଜୁନ ଅନୁଭବ କରିଛନ୍ତି ଯେ ଶ୍ରୀକୃଷ୍ଣ ହିଁ ସମସ୍ତ ଜ୍ଞାନର ଆରମ୍ଭ ଓ ଶେଷ ମଧ୍ୟ । ତେଣୁ ଗୋବିନ୍ଦ ସମ୍ବୋଧନର ପ୍ରୟୋଗ କରି ସେ ସିଦ୍ଧ କରିଛନ୍ତି ଯେ ବିଷାଦ ଓ ଅସହାୟତାର ଏହି ଅନ୍ଧକାର ମଧ୍ୟରେ ଭଗବାନ ଶ୍ରୀକୃଷ୍ଣ ଯେ କି ସମସ୍ତ ଜ୍ଞାନାଲୋକରେ ଉଦ୍‌ଭାସିତ କେବଳ ଏକାମାତ୍ର ଆଶ୍ରୟ ।

ଗୀତା ଗଂଗା ଚ ଗାୟତ୍ରୀ ଗୋବିନ୍ଦେତି ହୃଦିସ୍ଥିତଃ
ଚତୁଃବର୍ଗାକାର ୟୟୁକ୍ତମ୍ ପୁର୍ନଜନ୍ମ ନ ବିଦ୍ୟତେ ।
ଓଁ ନମୋ ଭଗବତେ ବାସୁଦେବାୟ ।

*କୋଷାଧକ୍ଷ*
*ଶିକ୍ଷା ବିକାଶ ସମିତି, ପୂର୍ବ ସମ୍ଭାଗ*

# ନୂତନ ଜାତୀୟ ଶିକ୍ଷାନୀତିରେ ପ୍ରାଥମିକ ଶିକ୍ଷା

ଶ୍ରୀ ଈଶ୍ୱରଚନ୍ଦ୍ର ନାୟକ

ଶିକ୍ଷା କୌଣସି ଦେଶ ଅବା ଜାତିର ଉନ୍ନତି ଓ ପ୍ରଗତିର ମେରୁଦଣ୍ଡ । ଦେଖାଯାଏ ଯେଉଁ ଦେଶ ଅବା ଜାତିର ଶିକ୍ଷା ଯେତିକି ସମୟୋପଯୋଗୀ ସେ ଦେଶ ଓ ଜାତି ସେତେ ଉନ୍ନତ । ସମୟ ସହିତ ସମାଜ ବଦଳେ । ମନୁଷ୍ୟମାନଙ୍କର ଆବଶ୍ୟକତା ଓ ଚଳଣି ମଧ୍ୟ ବଦଳିଚାଲେ । ଏ ସବୁ ପରିବର୍ତ୍ତନରେ ଶିକ୍ଷାର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତା ଠାରୁ ଅଧିକ ମହତ୍ତ୍ୱ ରଖେ ପରିବର୍ତ୍ତିତ ସାମାଜିକ ସ୍ଥିତି ଓ ପରିସ୍ଥିତିକୁ ନେଇ ଶିକ୍ଷାର କାୟା ଓ କଳେବରରେ ଆବଶ୍ୟକ ପରିବର୍ତ୍ତନ । ଏହା କହିବା ବାହୁଲ୍ୟ ଯେ ଯଦି ସମାଜର ଆବଶ୍ୟକତା ସହିତ ଶିକ୍ଷାର ପରିବର୍ତ୍ତନରେ ବିଳମ୍ବ ଘଟେ ତେବେ ପୂର୍ବପିଢ଼ି ଓ ଉତ୍ତର ପିଢ଼ି ମଧ୍ୟରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୁଏ ଯାହା ସମାଜର ଏକ ସନ୍ତୁଳିତ ପ୍ରଗତିରେ ବାଧା ସୃଷ୍ଟି କରେ । ତତ୍ ସହିତ ଏହା ମଧ୍ୟ ବୁଝିବା ଦରକାର ଯେ ବିଜ୍ଞାନର ବିଭବରେ ଆଜି ମନୁଷ୍ୟ ଅତ୍ୟନ୍ତ ବଳଶାଳୀ । ଚାରି ଇଞ୍ଚର ମୋବାଇଲ୍ ସ୍କ୍ରିନ୍ ସମଗ୍ର ବିଶ୍ୱର ସମସ୍ତ ଆବଶ୍ୟକ ତଥ୍ୟକୁ ଆଙ୍ଗୁଠି ଟିପର ସ୍ପର୍ଶରେ କ୍ଷଣକେ ଆଖି ସାମନାରେ ଉପସ୍ଥିତ କରେଇ ପାରୁଛି ।

ଆଜକୁ ପ୍ରାୟ ୧୦୦ ବର୍ଷ ପୂର୍ବେ ପୃଥିବୀ ପୃଷ୍ଠରେ ଆଜିର ଜନ ସଂଖ୍ୟାର ମାତ୍ର ଏକ ଚତୁର୍ଥାଂଶ ବସବାସ କରୁଥିବା ସମୟରେ ଅନେକ ମନୁଷ୍ୟ ଉତ୍କଟ ଖାଦ୍ୟାଭାବରେ ମୃତ୍ୟୁବରଣ କରୁଥିଲେ । ମାତ୍ର ଆଜି ବିଜ୍ଞାନର ଅବଦାନରେ ବୈପ୍ଳବିକ ପରିବର୍ତ୍ତନ । ପୃଥିବୀରେ ଖାଦ୍ୟଭଣ୍ଡାର ପରିପୂର୍ଣ୍ଣ । ପ୍ରାକୃତିକ ବିପର୍ଯ୍ୟୟର ପୀଡ଼ିତ ସାଧାରଣ ମଣିଷ ପାଇଁ ପୃଥିବୀର କେଉଁ କୋଣରୁ ଖାଦ୍ୟ ଆସି ଅନ୍ୟ କେଉଁ କୋଣରେ ସହଜରେ ପହଞ୍ଚି ପାରୁଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଜି ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଏକ ନୂଆ ଦିଗ ବେଗ ଦେବାରେ ଲାଗିଛି । ତେଣୁ ଏ ସବୁ ପରିବର୍ତ୍ତିତ ପରିସ୍ଥିତିରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଯେ ଅପରିହାର୍ଯ୍ୟ ତାହା କହିବା ଅନାବଶ୍ୟକ ।

ଦେଶର ବର୍ତ୍ତମାନର ସାମାଜିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ୧୯୮୭ ମସିହାରେ ପ୍ରସ୍ତୁତ ଓ ପରେ ୧୯୯୨ରେ ପରିବର୍ତ୍ତିତ ଜାତୀୟ ଶିକ୍ଷାନୀତିରେ ଆବଶ୍ୟକ ପରିବର୍ତ୍ତନ ଥିଲା ନିତାନ୍ତ ଜରୁରୀ । ଏହି ପରିପ୍ରେକ୍ଷୀରେ ଦୀର୍ଘ ୩୪ ବର୍ଷ ପରେ ଭାରତ ସରକାରଙ୍କ ଜାତୀୟ ଶିକ୍ଷାନୀତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏଥିରେ ପ୍ରାଥମିକ ଶିକ୍ଷା ସଂରଚନାରେ ଗାନ୍ଧିଜୀଙ୍କର ମୌଳିକ ଶିକ୍ଷାର ସାରାଂଶ ସହିତ ଆଜିର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ବେକାରୀକୁ ପ୍ରତିହତ କରିବା ପାଇଁ ପ୍ରକାରାନ୍ତେ ଯୁବାବସ୍ଥାରେ ପହଞ୍ଚିଲା ବେଳକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ସ୍ୱାବଲମ୍ବୀ ହୋଇପାରିବା ନିମନ୍ତେ ଆବଶ୍ୟକ ଏକ ବୃତ୍ତିକୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷାଲାଭ କରିବାର ସୁଯୋଗ ଖଞ୍ଜା ଯାଇଛି ।

### ନୂଆ ଶିକ୍ଷାନୀତିରେ ପ୍ରାଥମିକ ଶିକ୍ଷା ନିମନ୍ତେ ରହିଥିବା ବ୍ୟବସ୍ଥା-

୧) ୧୦+୨ ପାଠ୍ୟକ୍ରମ ବଦଳରେ ୫+୩+୩+୪ ଶିକ୍ଷା ବ୍ୟବସ୍ଥା ଆପଣାଯିବ ।

୨) ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ କରାଯିବ । ସ୍କୁଲର ପାଠ୍ୟକ୍ରମକୁ ହ୍ରାସ କରାଯିବ ।

୩) ପିଲାମାନଙ୍କ ରିପୋର୍ଟ କାର୍ଡ଼କୁ ଏକ ସମନ୍ୱିତ ରିପୋର୍ଟରେ ପରିବର୍ତ୍ତନ କରାଯିବ । ରିପୋର୍ଟ କାର୍ଡ଼ରେ ପିଲାମାନଙ୍କ ପରୀକ୍ଷା ନମ୍ବର ସହିତ ଦକ୍ଷତା ଓ କୌଶଳକୁ ମୂଲ୍ୟାଙ୍କନ କରାଯିବ । ଏହି ରିପୋର୍ଟ କାର୍ଡ଼ ସମ୍ପୃକ୍ତ ବିଦ୍ୟାର୍ଥୀ, ଶିକ୍ଷକ ଓ ସହପାଠୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯିବ ।

୪) ଡ୍ରପ୍ ଆଉଟ୍ ବା ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସ୍କୁଲ ଆଣିବାର ବ୍ୟବସ୍ଥା କରାଯିବ ।

୫) ଶିକ୍ଷାନୁଷ୍ଠାନଗୁଡ଼ିକୁ ଗ୍ରେଡ଼ ସୁବିଧା ସହିତ ପ୍ରାଶାସନିକ ଓ ଆର୍ଥିକ ସ୍ୱାଧୀନତା ପ୍ରଦାନ କରାଯିବ ।

୬) ନୂଆ ଶିକ୍ଷାନୀତିରେ ଘରୋଇ ଓ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଲାଗି ଗୋଟିଏ ଶିକ୍ଷାନୀତି ଲାଗୁ ହେବ ।

୭) ଆଞ୍ଚଳିକ ଭାଷାରେ ଇ-କୋର୍ସର ବିକାଶ କରାଯିବ । ଭର୍ଚୁଆଲ ଲ୍ୟାବ୍‌ର ଉନ୍ନତୀକରଣ କରାଯିବ । ଏଥିପାଇଁ ନ୍ୟାସନାଲ ଏଜୁକେସନ ଟେକ୍ନୋଲୋଜି ଫୋରମ୍ ଗଠନ କରାଯିବ ।

୮) ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା କିମ୍ବା ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ବାଧ୍ୟତାମୂଳକ ।

୯) ପିଲାମାନଙ୍କ ଗଣିତ, ବିଜ୍ଞାନ ଜ୍ଞାନ ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯିବ ।

୧୦) ଜିଡ଼ିପିର ୬ ପ୍ରତିଶତ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।

୧୧) ନୂଆ ଶିକ୍ଷାନୀତିରେ ପ୍ରଥମ ବର୍ଷରୁ ପଢ଼ା ଛାଡ଼ିଲେ ମଧ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ମିଳିବ । ଅଧାରୁ ପାଠପଢ଼ା ଛାଡ଼ିଥିବା ବିଦ୍ୟାର୍ଥୀ ଚାହିଁଲେ ପୁଣିଥରେ ସେହିଠାରୁ ବିଦ୍ୟାରମ୍ଭ କରିପାରିବେ ।

ନୂତନ ଜାତୀୟ ଶିକ୍ଷାନୀତିରେ ୫+୩+୩+୪ ଶିକ୍ଷା ବ୍ୟବସ୍ଥାରେ ପ୍ରଥମ ପାଞ୍ଚବର୍ଷ ମୂଳଭୂତ ଶିକ୍ଷାରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଉପରେ ଅଧିକ ଦୃଷ୍ଟି ଦିଆଯୋଇଛି । ଅଙ୍ଗନବାଡ଼ିଗୁଡ଼ିକରେ ଶିଶୁମାନଙ୍କୁ ଦିଆଯାଉଥିବା ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ଅଣାଯିବାର ପ୍ରସ୍ତାବ ରହିଛି । ନୂତନ ବ୍ୟବସ୍ଥାରେ ପ୍ରଥମ ତିନିବର୍ଷ ପୂର୍ତ୍ତି ପରେ ପିଲାମାନେ ଅଙ୍ଗନବାଡ଼ିରେ ନାମ ଲେଖାଇବେ ଏବଂ ସେଠାରେ ଦୁଇ ବର୍ଷ ପଢ଼ିଲା ପରେ ପ୍ରାଥମିକ ବିଦ୍ୟାଳୟକୁ ଯିବେ ଓ ପ୍ରଥମ ଶ୍ରେଣୀରେ ପଢ଼ିବେ । ଏହା ପୂର୍ବରୁ ଗୋଟିଏ ବର୍ଷ ବାଲ ବାଟିକାରେ ପ୍ରସ୍ତୁତି ଶ୍ରେଣୀରେ ପଢ଼ିବେ । ତେଣୁ ଆଦ୍ୟ ଶୈଶବ ଶିକ୍ଷାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଅନ୍ତର୍ଭୁକ୍ତ ହେବ । ସେମାନଙ୍କୁ ଖେଳ, ହସଖୁସି, ଗପ, ଗୀତ, ନାଚ, ନାଟକ ତଥା ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଲିଖନ ଓ ପଠନ ସାମର୍ଥ୍ୟ ବୃଦ୍ଧି ସହିତ ପ୍ରାଥମିକ ବିଦ୍ୟାଳୟ ସଙ୍ଗେ ପରିଚିତ କରାଯିବ ଓ ସେମାନଙ୍କର ବୌଦ୍ଧିକ, ଆବେଗାତ୍ମକ ଓ ପ୍ରେରଣାତ୍ମକ ଶକ୍ତି ବୃଦ୍ଧି ପାଇଁ ମଧ ଚେଷ୍ଟା କରାଯିବ । ସାଙ୍ଗମାନଙ୍କ ପାଖରୁ ଶିଖିବ । ନିଜ ଅଞ୍ଚଳର ଶିକ୍ଷିତ ବ୍ୟକ୍ତିମାନେ ସ୍ୱେଚ୍ଛାକୃତ ଭାବେ ଜଣେ ଜଣେ ପିଲାଙ୍କୁ ମୂଳଭୂତ ଭାଷା ଓ ସଂଖ୍ୟାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଅଙ୍ଗନବାଡ଼ି ଉପରେ ଆଦ୍ୟ ଶୈଶବ ଶିକ୍ଷାର ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଶିକ୍ଷାର ଅବଧି ପାଞ୍ଚବର୍ଷ ହେବ ଏବଂ ୪ ବର୍ଷରୁ ୮ ବର୍ଷର ପିଲାମାନେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଲାଭ କରିବେ ।

ମୂଳଭୂତ ଶିକ୍ଷାଲାଭ ପରେ ୯ ବର୍ଷରୁ ୧୧ ବର୍ଷର ପିଲାଙ୍କୁ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପ୍ରାଥମିକ ଶିକ୍ଷା ସ୍ତରରେ ଅଧିକ ଜ୍ଞାନ ହାସଲ ପାଇଁ ପ୍ରସ୍ତୁତ କରାଯିବ । ୫ମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ପଢ଼ାଯିବ । ୬ଷ୍ଠ ଶ୍ରେଣୀରୁ ପିଲାମାନେ ବିଭିନ୍ନ ଭାରତୀୟ ଭାଷା ବିଷୟରେ ଜାଣିବେ । ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ତିନୋଟି ଭାଷା ପଢ଼ିବେ । ଏହା ବ୍ୟତୀତ ଯେକୌଣସି ଭାରତୀୟ ଶାସ୍ତ୍ରୀୟ ଭାଷା ମଧ ଏକ ଇଚ୍ଛାଧୀନ ବିଷୟ ରୂପେ ପଢ଼ି ପାରିବେ । ସଂସ୍କୃତ ଭାଷା ଦୁଇ ବର୍ଷ ପର୍ଯ୍ୟନ୍ତ ପଢ଼ିବାକୁ ସୁଯୋଗ ଦିଆଯିବ । ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷ ସମୟକୁ ମାଧ୍ୟମିକ-ବିଦ୍ୟାଳୟ ସ୍ତର କୁହାଯିବ । ୧୨ ରୁ ୧୪ ବର୍ଷର ପିଲାମାନେ ଏହି ସ୍ତରରେ ରହିବେ । ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଧନ୍ଦାମୂଳକ ବିଷୟରେ ଶିକ୍ଷାଦାନ କରାଯିବ । ପିଲାମାନେ ଚାହିଁଲେ ୧୨ଶ ଶ୍ରେଣୀ ପର୍ଯ୍ୟନ୍ତ ତାଙ୍କୁ ସେହି ଧନ୍ଦା ବିଷୟରେ ତାଲିମ ଦିଆଯିବ ।

ନୂତନ ଶିକ୍ଷାନୀତିରେ ସ୍ୱତନ୍ତ୍ର ଶିକ୍ଷା ଅଞ୍ଚଳ ସୃଷ୍ଟି କରି ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନଙ୍କୁ ବିଦ୍ୟାଳୟକୁ ଆଣି ପାଠ ଶେଷ ପର୍ଯ୍ୟନ୍ତ କିପରି ରଖାଯାଇପାରିବ ସେ ବିଷୟରେ ବ୍ୟବସ୍ଥା କରାଯାଇଛି । ବିଦ୍ୟାଳୟ ତ୍ୟାଗ କରିଥିବା ଦୁଇକୋଟି ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରହିବ । ୨୦୩୫ ସୁଦ୍ଧା ପ୍ରାଥମିକ ସ୍ତରରେ ଶତ ପ୍ରତିଶତ ମୋଟ ନାମାଙ୍କନ ଅନୁପାତ ହାସଲ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

୨୦୩୦ ସୁଦ୍ଧା ପ୍ରାକ୍ ପ୍ରାଥମିକ ସ୍ତରରେ ସମସ୍ତଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ନୂତନ ଶିକ୍ଷାନୀତିର ଏକ ଉଲ୍ଲେଖନୀୟ ଦିଗ ।

ଅକ୍ଷର ଓ ସଂଖ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଗୀତ, ନାଚ, ଗପ, ଖେଳ, ଚିତ୍ରାଙ୍କନ ଇତ୍ୟାଦି ମାଧ୍ୟମରେ ପିଲାମାନଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନିବା ଓ ତାଙ୍କର ଚରିତ୍ର ଗଠନ ପାଇଁ ଆବଶ୍ୟକ ଗୁଣାବଳୀର ବିକାଶ ପାଇଁ ଶିକ୍ଷକମାନେ ଧ୍ୟାନ ଦେବେ । ଭାବର ଆଦାନ ପ୍ରଦାନ ଦକ୍ଷତା ସାହସିକତା, ପରିଷ୍କାର ପରିଚ୍ଛନ୍ନତା, ନେତୃତ୍ୱ ନେବାର ସାମର୍ଥ୍ୟ, ସାମୂହିକ କାର୍ଯ୍ୟ ନିର୍ବାହ କରିବା ପ୍ରଭୃତି ଜୀବନ କୌଶଳ ବିଷୟରେ ଶିକ୍ଷା ସହିତ ମାନବୀୟ ଗୁଣାବଳୀ ଯଥା, ଦୟା, କ୍ଷମା, ଅନୁକମ୍ପା, ସତ୍ୟବାଦିତା, ସହନଶୀଳତା, ବିନମ୍ରତା ଇତ୍ୟାଦିର ବିକାଶ ପାଇଁ ଉଦ୍ୟମ ହେବ । ପିଲାମାନଙ୍କୁ ଶିକ୍ଷାଦାନ ପାଇଁ ଏକ ମୁକ୍ତ ଆନନ୍ଦମୟ ପରିବେଶରେ ତାଙ୍କର ସୃଜନଶୀଳ ଓ ବିଶ୍ଳେଷଣାତ୍ମକ ଚିନ୍ତନ ଶକ୍ତି ତଥା ବୈଜ୍ଞାନିକ ସ୍ୱଭାବର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଏବଂ ପ୍ରୋତ୍ସାହନ ଦିଆଯିବ ।

ଛୁଟି ଦିନମାନଙ୍କରେ ସାମାଜିକ ବନ୍ଧନକୁ ଦୃଢ଼ କରିବା ପାଇଁ ବିଭିନ୍ନ ସାମାଜିକ, ବୌଦ୍ଧିକ ଓ ସ୍ୱେଚ୍ଛାକୃତ ସେବା କାର୍ଯ୍ୟ ପାଇଁ ବିଦ୍ୟାଳୟର କୋଠାବାଡ଼ି ବ୍ୟବହାର ହେବ । ପ୍ରତ୍ୟେକ ବିଦ୍ୟାଳୟ ଗୋଟିଏ ଗୋଟିଏ ସାମାଜିକ ଚେତନା କେନ୍ଦ୍ର ଭାବେ କାର୍ଯ୍ୟ କରିବ । ପିଲାମାନଙ୍କୁ ସ୍ଥାନୀୟ ଶିଳ୍ପକଳା ଶିକ୍ଷାଦେବା, ନୂତନ ଶିକ୍ଷାନୀତିରେ ଏକ ଉଲ୍ଲେଖନୀୟ ଦିଗ । ସେହିସବୁ କ୍ଷେତ୍ରରେ ନିପୁଣତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଶିକ୍ଷକ ରୂପେ ଗ୍ରହଣ କରାଯିବ । ସେମାନେ ପିଲାମାନଙ୍କୁ ସ୍ଥାନୀୟ ଶିଳ୍ପକଳା ଶିକ୍ଷାଦେବେ ।

ଶିକ୍ଷାଦାନ ପ୍ରଣାଳୀ, ମୂଲ୍ୟାୟନ ଓ ପାଠ୍ୟକ୍ରମରେ ବ୍ୟାପକ ସଂସ୍କାର ଆଣିବା ପାଇଁ ନୂତନ ଶିକ୍ଷାନୀତିରେ ଚେଷ୍ଟା କରାଯାଇଛି । ସମସ୍ୟା ସମାଧାନ ପାଇଁ ପାଠ ହୃଦୟଙ୍ଗମ କରି ତାକୁ ପ୍ରୟୋଗ କରିବାର କୌଶଳ ଶିକ୍ଷକମାନେ ଶିଖାଇବେ । ପିଲାମାନଙ୍କର ଶିଖିବା ସାମର୍ଥ୍ୟ ବଢ଼ାଇବା ଶିକ୍ଷାଦାନର ମୁଖ୍ୟ ଉଦ୍ଦେଶ୍ୟ ହେବ । କିପରି ଶିଖିବାକୁ ହୁଏ ଥରେ ପିଲାମାନେ ଜାଣିଗଲେ ସେମାନେ ନିଜେ ନିଜେ ଜ୍ଞାନ ଆହରଣ କରିପାରିବେ । ଶିକ୍ଷକମାନେ କେବଳ ମାର୍ଗଦର୍ଶକର ଭୂମିକା ନିର୍ବାହ କରିବେ । ଏହି ପଦ୍ଧତି ପିଲାମାନଙ୍କୁ ସବୁ ପରିସ୍ଥିତିରେ ଶିକ୍ଷାଲାଭ କରିବାରେ ସାମର୍ଥ୍ୟ ପ୍ରଦାନ ସହିତ ନୂତନ ଜ୍ଞାନ ସୃଷ୍ଟି କରିବାକୁ ସକ୍ଷମ କରିବ । ଏହି ଶିକ୍ଷଣ ପ୍ରଣାଳୀ ଅଧିକ ବିଶ୍ଳେଷଣାତ୍ମକ ତଥା ଅନୁସନ୍ଧାନ, ଉଦ୍ଭାବନ, ଆଲୋଚନା ଭିତ୍ତିକ ଓ ଆନନ୍ଦଦାୟକ ହେବ ।

ପାଠ୍ୟକ୍ରମର ବୋଝକୁ କମାଯାଇ କେବଳ ମୂଳ ଧାରଣାଗୁଡ଼ିକ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବ ଓ ସେଗୁଡ଼ିକୁ ପିଲାମାନେ କେତେ ବୁଝିଛନ୍ତି ଓ ତାହାର ସଠିକ ପ୍ରୟୋଗ କରିପାରିବାର ଦକ୍ଷତା ମୂଲ୍ୟାୟନ କରାଯିବ । ପ୍ରଶ୍ନପତ୍ରର ଢାଞ୍ଚା ବଦଳିବ ଓ ବହୁ ସମ୍ଭାବ୍ୟ ଉତ୍ତର ସମ୍ବଳିତ ବସ୍ତୁନିଷ୍ଠ ପ୍ରଶ୍ନାବଳୀ ମାଧ୍ୟମରେ ପିଲାର ପ୍ରୟୋଗାତ୍ମକ ଚିନ୍ତନ ଶକ୍ତିର ପରୀକ୍ଷା ହେବ । ପିଲାର ଗହନ, ବିଶ୍ଳେଷଣାତ୍ମକ ଓ ସୃଜନଶୀଳ ଶକ୍ତିର ପରୀକ୍ଷା ପାଇଁ ସେହିପରି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ ମାଧ୍ୟମରେ ହେବ । ପିଲାଙ୍କର ଅଗ୍ରଗତି ଜାଣିବା ପାଇଁ ୩ୟ, ୫ମ ଓ ୮ମ ଶ୍ରେଣୀ ଶେଷରେ ବିଦ୍ୟାଳୟରେ ପରୀକ୍ଷା ହେବ । ୧୦ମ ଓ ୧୨ଶ ଶ୍ରେଣୀର ବୋର୍ଡ଼ ପରୀକ୍ଷା ହେବ ଏବଂ କୌଣସି ବିଷୟରେ ଭଲ ନମ୍ବର ରଖି ନ ପାରିଲେ ଆଉ ଥରେ ପରୀକ୍ଷା ଦେବାର ବ୍ୟବସ୍ଥା ହେବ । ଦୁଇଟି ପରୀକ୍ଷାରେ ପାଇଥିବା ଅଧିକତମ ନମ୍ବର ବିଚାରକୁ ନିଆଯିବ । ୧୦ମ ପାସ୍ କଲା ପରେ ଅନ୍ୟ ପାଠ୍ୟକ୍ରମ ପଢ଼ିବା ପାଇଁ ପିଲାମାନେ ଯାଇପାରିବେ ।

ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରଣୟନରେ ଭାରତର ଶିକ୍ଷା ଦୃଶ୍ୟପଟରେ ଏକ ଐତିହାସିକ ସୁଧାର ନିମନ୍ତେ ମାର୍ଗ ପ୍ରଶସ୍ତ ହୋଇଛି । ଏ ନୀତି ସମୟୋପଯୋଗୀ ଓ ପ୍ରଗତିଶୀଳ । ଏହା ନିଶ୍ଚିତ ଭାବେ ଦେଶର ଶିକ୍ଷା ବ୍ୟବସ୍ଥା ପାଇଁ ନୀତି ଓ ଆଦର୍ଶର ଏକ ସ୍ରୋତ ।

*ବାଙ୍ଗୁରୁଷ ପାଟଣା,*
*ଭାଣପୁର, ପୁରୀ*

ଏ ଜୀବ ବନ୍ଦୀ କର୍ମପାଶେ । ସାଧିବ ବନ୍ଧନ ଉଶ୍ୱାସେ ।।

**ଆମ ପରମ୍ପରା**

# ଗଣ ପର୍ବ ମକର ସଂକ୍ରାନ୍ତି

*ଶ୍ରୀଯୁକ୍ତ ଶ୍ରୀକାନ୍ତ ଶତପଥୀ*

ଆମ ଦେଶ ଭାରତବର୍ଷ ତା'ର ପୁଣ୍ୟମୟ ପର୍ବପର୍ବାଣି ପାଇଁ ବିଶ୍ୱବିଦିତ । ଏଠି ପ୍ରତିଦିନ କୌଣସି ନା କୌଣସି ପର୍ବ ପାଳିତ ହୁଏ । ଏହି କ୍ରମରେ ମକର ପର୍ବ ଅନ୍ୟତମ । କେବଳ ଭାରତରେ ନୁହେଁ ପୃଥିବୀର ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଏହି ପର୍ବ ପାଳନ କରାଯାଏ । ଭାରତର ବିଭିନ୍ନ ରାଜ୍ୟରେ ଏହା ବଡ଼ ଧୁମ୍‌ଧାମ୍‌ରେ ଅଧ୍ୟାତ୍ମିକ ପରିବେଶରେ ପାଳନ କରାଯାଉଛି । ଏହାର ବିଭିନ୍ନ ନାମ ଅଛି । ମକର ସଂକ୍ରମଣ, ମକର ସଂକ୍ରାନ୍ତି, ସୁଗି ହବ୍ୱା, ମାଘି ସଂକ୍ରାନ୍ତି, ଥାଇ ପୋଙ୍ଗଲ, ଉତ୍ତରାୟଣ ସଂକ୍ରାନ୍ତି, ଭୋଗଲି ବିହୂ, ସିସୁର ସଂକ୍ରାନ୍ତି, ଖିଚଡ଼ି, ତିଳ ସଂକ୍ରାନ୍ତି, ତଥା ତିର ମୁରି ଇତ୍ୟାଦି ଅନେକ ନାମରେ ଏହା ଖ୍ୟାତ ।

ଏହି ଦିନ ସୂର୍ଯ୍ୟନାରାୟଣଙ୍କର ପୂଜା କରାଯାଏ । ପ୍ରତିଟି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଗୋଟିଏ ରାଶିରେ ପ୍ରବେଶ କରନ୍ତି । ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଏହିଦିନ ଠାରୁ ଆରମ୍ଭ ହୁଏ । ସୂର୍ଯ୍ୟ ଆସ୍ତେ ଆସ୍ତେ ଉତ୍ତର ଗୋଲାର୍ଦ୍ଧରେ ପ୍ରେବେଶ କରୁଥିବାରୁ ଏହି ଅଞ୍ଚଳରେ ଥିବା ସ୍ଥାନମାନଙ୍କରେ ଏହି ଦିନ ଠାରୁ ଦିନ କ୍ରମଶଃ ବଡ଼ ଓ ରାତ୍ରୀ କ୍ରମଶଃ ସାନ ହେବାରେ ଲାଗେ । ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ ଭାରତୀୟ ହିନ୍ଦୁ ଧର୍ମଶାସ୍ତ୍ରର ପ୍ରାୟ ପ୍ରତ୍ୟେକ ପର୍ବପର୍ବାଣି ତିଥି ଅନୁସାରେ ଅର୍ଥାତ୍ ଚନ୍ଦ୍ରମାସ ଅନୁସାରେ ସ୍ଥିର ହୋଇଥିବାବେଳେ ଏହା ସୌର ମାସ ଅନୁସାରେ ସ୍ଥିର ହୋଇଥାଏ ଏବଂ ଇଂରାଜୀ ଜାନୁଆରୀ ମାସ ୧୪/୧୫ ତାରିଖରେ ହିଁ ଏହା ପଡ଼ିଥାଏ । ପୁରାଣ ଶାସ୍ତ୍ରର ପ୍ରମାଣ ଅନୁସାରେ ପ୍ରତିଟି ସୌରବର୍ଷକୁ ଏକ ଦିବସ ହିସାବରେ ନିଆଯାଇଥାଏ ଅର୍ଥାତ୍ ୬ ମାସ ଦିନ, ୬ ମାସ ରାତ୍ରୀ । ଏଦିନ ୬ ମାସ (ଦେବତାମାନଙ୍କ ପାଇଁ) ମକର ସଂକ୍ରାନ୍ତିରୁ ଆରମ୍ଭ ହୁଏ ଏବଂ କର୍କଟ ସଂକ୍ରାନ୍ତି ପୂର୍ବଦିନ ଶେଷ ହୁଏ । ଆମର ବିଶ୍ୱାସ ଅଛି ଯେ ଏହି ଦିନ ସମୟ ଅର୍ଥାତ୍ ମକର ସଂକ୍ରାନ୍ତିରୁ କର୍କଟ ସଂକ୍ରାନ୍ତି ମଧ୍ୟରେ ଦେହତ୍ୟାଗ କଲେ ବ୍ୟକ୍ତିର ଆତ୍ମା ଦେବଯାନରେ ଯାଇ ବୈକୁଣ୍ଠ ପ୍ରାପ୍ତ ହୁଏ । ହିନ୍ଦୁ ବିଶ୍ୱାସ ଅନୁସାରେ ଏହିଦିନ ସଂକ୍ରାନ୍ତି ପୁରୁଷ (ଭଗବାନ ବିଷ୍ଣୁ) ଶଙ୍କରାସୁରକୁ ବଧ କରିଥିଲେ ଏବଂ ଏହିଦିନ ଠାରୁ ୬ ମାସ ପର୍ଯ୍ୟନ୍ତ ମୃତ ବ୍ୟକ୍ତି ବିଷ୍ଣୁ ଲୋକକୁ ଗମନ କରିବେ ବୋଲି ଭଗବାନ ବିଷ୍ଣୁ ଆଶୀର୍ବାଦ କରିଥିଲେ । ମହାଭାରତର ବର୍ଣ୍ଣନା ଅନୁସାରେ କୁରୁ ପିତାମହ ଭୀଷ୍ମ ମହାଭାରତ ଯୁଦ୍ଧ ସରିବା ପରେ ମଧ୍ୟ ବେଶ କିଛିଦିନ ଶରଶଯ୍ୟାରେ ରହି ଉତ୍ତରାୟଣକୁ ଅପେକ୍ଷା କରିଥିଲେ ଏବଂ ଉତ୍ତରାୟଣ ସମୟରେ ହିଁ ଦେହତ୍ୟାଗ କରିଥିଲେ ।

ଭାରତର ବିଭିନ୍ନ ପ୍ରଦେଶରେ ଏହି ପର୍ବକୁ ବିଭିନ୍ନ ନାମରେ ଏବଂ ବିଭିନ୍ନ ଢଙ୍ଗରେ ପାଳନ କରାଯାଏ । ପଞ୍ଜାବ, ହରିୟାଣା ଅଞ୍ଚଳରେ ଏହାକୁ ଲୋହରି (ସଂକ୍ରାନ୍ତିର ପୂର୍ବଦିନ) ଭାବେ ପାଳନ କରାଯାଏ । ମଝିରେ ଅଗ୍ନି ସ୍ଥାପନ କରି ସେଥିରେ ତିଳ, ଧାନ ଏବଂ ଯବ ପକାଇ ସମାଜର ହିତ ମନାସି ଥାଆନ୍ତି । ଉତ୍ତର ପ୍ରଦେଶ ଓ ବିହାରରେ ଏହକୁ ଖୀଚଡ଼ି ପର୍ବ ହିସାବରେ ପାଳନ କରାଯାଏ । ଏହାକୁ ଦାନର ପର୍ବ କୁହାଯାଏ । ଏହିଦିନ ଘରେ ସୁସ୍ୱାଦୁ ଖେଚଡ଼ି ତିଆରି କରି ସମସ୍ତେ ଖାଆନ୍ତି ଏବଂ ଗରିବଙ୍କୁ ଦାନ କରନ୍ତି । ଏହାଛଡ଼ା ଉରାଡ଼, ଚାଉଳ, ସୁନା, ଶୀତବସ୍ତ୍ର ଓ କମ୍ବଳ ଇତ୍ୟାଦି ଦାନ କରନ୍ତି । ଏହିଦିନ ଠାରୁ ତ୍ରିବେଣୀ ଠାରେ ମାଘ ମେଳା ଆରମ୍ଭ ହୁଏ । ମହାରାଷ୍ଟ୍ରରେ ନବବିବାହିତା ରମଣୀମାନେ ଏହି ଦିନ ତୁଳାବସ୍ତ୍ର, ତେଲ, ଲୁଣ ନେଇ ଅନ୍ୟ ବିବାହିତା ନାରୀମାନଙ୍କୁ ପ୍ରଦାନ କରନ୍ତି ଏବଂ ପତିସୁହାଗିନୀ ହେବାର ଆଶୀର୍ବାଦ ପ୍ରାପ୍ତ

ହୁଅନ୍ତି । ବଙ୍ଗଳାରେ ଏହିଦିନ ସକାଳୁ ସକାଳୁ ସମସ୍ତେ ସ୍ନାନ କରି ତିଳ ଦାନ କରି ଅକ୍ଷୟ ପୁଣ୍ୟର ଅଧିକାରୀ ହୁଅନ୍ତି ବୋଲି ବିଶ୍ୱାସ ରଖିଛନ୍ତି । ଏହିଦିନ ସେଠାରେ ଗଙ୍ଗାସାଗର ମେଳାର ଆରମ୍ଭ ହୁଏ । ପୁରାଣରେ ଅଛି ଯେ ଏହିଦିନ ମାତା ଗଙ୍ଗା ସମୁଦ୍ର ସହ ମିଶ୍ରଣ ହୋଇଥିଲେ ଏବଂ ଭଗୀରଥ ସେହି ସ୍ଥାନରେ ନିଜର ପୂର୍ବଜମାନଙ୍କ ପାଇଁ ତିଳ ତର୍ପଣ କରିଥିଲେ । ଫଳରେ ଭଗବାନ କପିଳଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ସଗର ବଂଶ ଉଦ୍ଧାର ପ୍ରାପ୍ତ ହୋଇଥିଲେ । ତାମିଲନାଡୁରେ ଏହାକୁ ପୋଙ୍ଗଲ (ନବବର୍ଷ) ହିସାବରେ ପାଳନ କରାଯାଏ । ଏହାକୁ ସେମାନେ ଚାରିଦିନ ପାଇଁ ପାଳନ କରନ୍ତି । ଗୁଜୁରାଟରେ ଏହାକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଏ । ଏହାକୁ ସେଠାରେ ଗୁଡ଼ିଉଡ଼ା ପର୍ବ ହିସାବରେ ପାଳନ କରାଯାଏ ଏବଂ ଗୁଡ଼ିଉଡ଼ା ପ୍ରତିଯୋଗିତାମାନ ଅନୁଷ୍ଠିତ ହୁଏ । ଏହିଦିନ ଓଡ଼ିଶା, ଝାଡ଼ଖଣ୍ଡ ତଥା ପଶ୍ଚିମ ବଙ୍ଗରେ ବସବାସ କରୁଥିବା କୁରୁମି ଆଦିବାସୀ ସମ୍ପ୍ରଦାୟ ଟୁସୁ ପର୍ବ ପାଳନ କରନ୍ତି ।

ଏହା ଭାଇଚାରାର ପର୍ବ, ମିଳନର ପର୍ବ, ସହଯୋଗର ପର୍ବ ସର୍ବୋପରି ନୂତନ ଆଶା ସଂଚାରର ପର୍ବ । ଯେଉଁ ଅଞ୍ଚଳରେ ଯେଉଁ ଭଳି ଭାବରେ ଏହା ପାଳନ କରାଯାଉ ନା କାହିଁକି ଏହା ଆମ ସଭ୍ୟତାର ଏକ ମୁଖ୍ୟ ଅଂଶ ପାଲଟି ସାରିଛି ଏବଂ ଏହା ଏକ ଗଣପର୍ବ ଭାବେ ପ୍ରତିଷ୍ଠିତ ହୋଇପାରିଛି ।

*ପ୍ରଧାନାଚାର୍ଯ୍ୟ*

*ସ.ଶି.ବି.ମ., ରାହାମା*

## -: କବି ଓ ଲେଖକମାନଙ୍କୁ ନିବେଦନ :-

ପ୍ରିୟବନ୍ଧୁ ଓ ଭଗିନୀ !

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ହ୍ୱାଟସ୍‌ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ ଡକ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ ଯେକୌଣସି ସ୍କାନ ଆପ୍ ଲୋଡ୍ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲରେ ଫଟୋ ଉଠାଇ କେବେବି ଇ-ମେଲ୍ /ହ୍ୱାଟସ୍‌ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

ଏ ସର୍ବବର୍ଣ୍ଣ ସର୍ବାଶ୍ରମ । ସମ୍ଭବ ଉଚ୍ଚ ନୀଚ ସ୍ଥାନ ।।

**ଆମ ମହାପୁରୁଷ**

# ଭାରତର ବିଶ୍ୱାସ, ଉତ୍କଳ ନିଃଶ୍ୱାସ - ନେତାଜୀ ସୁଭାଷଚନ୍ଦ୍ର ବୋଷ

*ଶ୍ରୀମତୀ ନିରୁପମା ମହାନ୍ତି*



ନେତା କହିଲେ ସାଧାରଣତଃ ଅନେକଙ୍କ ନାମ ମନ ମଧ୍ୟକୁ ଚାଲିଆସେ । କିନ୍ତୁ 'ନେତାଜୀ' କହିଲେ ସାରା ପୃଥିବୀରେ ଗୋଟିଏ ନାମ ପ୍ରତିଧ୍ୱନିତ ହୁଏ । ସେ ହେଉଛନ୍ତି ଉତ୍କଳର ଯୋଗ୍ୟତମ ସନ୍ତାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।

ସୁଭାଷ କେବଳ ଏକ ନାମ ନୁହେଁ ବରଂ ସ୍ୱାଧୀନ ଭାରତର ପରିକଳ୍ପନାକୁ ଉଜ୍ଜୀବିତ କରିଥିବା ଏକ ପ୍ରଖର ପ୍ରଚଣ୍ଡ ଉର୍ଜା, ଯାହାଙ୍କର ମନ ମସ୍ତିଷ୍କରୁ ଅନବରତ ଉଦ୍‌ଗୀରଣ ହେଉଥିଲା ଦେଶପ୍ରେମର ଉତ୍ତପ୍ତ ଲାଭା । ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ କଟକର ଓଡ଼ିଆ ବଜାରରେ ରାୟ ବାହାଦୁର ଜାନକୀନାଥ ବୋଷ ଓ ପ୍ରଭାବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଏହି ମହାନ ତେଜସ୍ୱୀ ବୀରପୁରୁଷ । ଚଉଦ ଜଣ ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ନବମ ସନ୍ତାନ । ୧୯୦୨ ମସିହାରେ ପ୍ରୋଟେଷ୍ଟାଣ୍ଟ ଇଉରୋପିଆନ ସ୍କୁଲରେ ଜାନୁଆରୀ ମାସରେ ଶିକ୍ଷା ଆରମ୍ଭ ହୋଇଥିଲା । ୧୯୦୯ ମସିହାରେ ରେଭେନସା କଲେଜିଏଟ୍ ସ୍କୁଲକୁ ଆସି ୧୯୧୩ରେ ମାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହେଲେ । 'ତୁଳସୀ ଦୁଇପତ୍ରରୁ ବାସେ' ଏହି ପରିପ୍ରେକ୍ଷୀରେ ସୁଭାଷଙ୍କ ଦେଶପ୍ରେମ ଛାତ୍ର ଜୀବନରୁ ଜାଣି ହୋଇଥିଲା । ପ୍ରେସିଡ଼େନସି କଲେଜରେ ଅଧ୍ୟୟନ ସମୟରେ ଅଧ୍ୟାପକ ଓଟେନଙ୍କ ଭାରତ ବିରୋଧୀ ମନ୍ତବ୍ୟରେ କ୍ଷୁବ୍ଧ ହୋଇ ଅନ୍ୟ ପିଲାଙ୍କ ସହ ତାଙ୍କୁ ଦୁର୍ବ୍ୟବହାର କରିଥିବା କାରଣରୁ କଲେଜରୁ ବହିଷ୍କୃତ ହୋଇଥିଲେ । ଆଇ.ସି.ଏସ୍. ପରୀକ୍ଷାରେ ଚତୁର୍ଥ ସ୍ଥାନ ପାଇ ତାଲିମ ନେଉଥିବା ସମୟରେ ଭାରତରେ ଘଟିଥିବା ଜାଲିଆନାୱାଲା ବାଗ୍‌ର ନିଷ୍ଠୁର ହୃଦୟ ବିଦାରକ ଘଟଣା ଶୁଣି ଅଧାରୁ ତାଲିମ ଛାଡ଼ି ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ୧୯୨୪ ମସିହାରେ କଲିକତାରେ ପୌର ନିର୍ବାଚନରେ ସ୍ୱରାଜ ଦଳର ପ୍ରମୁଖ ନେତା ଭାବେ କଲିକତାରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରି ସ୍ୱରାଜ ଦଳକୁ ଶ୍ରେଷ୍ଠ ରାଜନୀତିକ ଦଳ ଭାବେ ବିବେଚିତ କରାଇ ପାରିଥିଲେ । ଏଥିପାଇଁ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଅବଦାନ ଯଥେଷ୍ଟ ଥିଲା । ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ସୁଭାଷଙ୍କୁ ଗିରଫ କରାଗଲା । ୧୯୩୮ରେ ଗାନ୍ଧିଜୀଙ୍କ ମନୋନୀତ ପ୍ରାର୍ଥୀଙ୍କୁ ହରେଇ ହରିପୁରା ଜାତୀୟ କଂଗ୍ରେସର ଅଧିବେଶନରେ ସଭାପତି ଭାବେ ନିର୍ବାଚିତ ହେଲେ । ୧୯୩୯ ରେ ଫରଓ୍ୱାର୍ଡ଼ ବ୍ଲକ ନାମକ ନୂତନ ଦଳ ଗଠନ କରି ସଶସ୍ତ୍ର ଆନ୍ଦୋଳନ ଦ୍ୱାରା ହିଁ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିହେବ ବୋଲି ସ୍ୱାଧୀନତାର ସ୍ୱପ୍ନ ଦେଖିଥିଲେ । ସୁଭାଷଙ୍କ ଏହି ଉଗ୍ରନୀତି ଯୋଗୁଁ ବ୍ରିଟିଶ ସରକାର ତାଙ୍କୁ ନଜରବନ୍ଦୀ ରଖିଥିଲେ । ତେଣୁ ଭାରତ ବାହାରେ ରହି ଅବିରତ ଯୁଦ୍ଧ କରି ଦେଶକୁ ସ୍ୱାଧୀନତା ଦେବା ସଂକଳ୍ପ ନେଇ ୧୯୪୧

ମାର୍ଚ୍ଚ ମାସରେ ଜର୍ମାନୀର ବର୍ଲିନ ଠାରେ ପହଞ୍ଚି ଥିଲେ । ଜର୍ମାନୀର ତତ୍କାଳୀନ ଶାସକ ହିଟଲରଙ୍କ ସହାୟତାରେ ଫ୍ରି ଇଣ୍ଡିଆ ଆର୍ମି ଗଠନ କରିଥିଲେ । ସେଠାରୁ ଆଜାଦ୍ ହିନ୍ଦ ରେଡ଼ିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ । 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ଏହି ତେଜୋମୟ ବାଣୀ ଭାରତୀୟମାନଙ୍କ ଶିରାପ୍ରଶିରାରେ କମ୍ପନ ସୃଷ୍ଟି କଲା । ସୁଭାଷ ୧୯୪୩ରେ ଆଜାଦ୍ ହିନ୍ଦ ଫୌଜ ନେଇ ସିଙ୍ଗାପୁରରେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କରିଥିଲେ । ସେଠାରୁ ସେ ଆହ୍ୱାନ ଦେଇଥିଲେ 'ଦିଲ୍ଲୀ ଚଲୋ ।' ୧୯୪୪ ମାର୍ଚ୍ଚ ୧୮ ତାରିଖରେ ଆଜାଦ୍ ହିନ୍ଦ ଫୌଜ ବର୍ମା ସୀମା ଅତିକ୍ରମ କରି ଭାରତ ମାଟିରେ ପାଦ ଥାପିଥିଲା । ଏହି ସମୟରେ ବ୍ରିଟିଶ ବାହିନୀ ସ୍ଥଳପଥ ଓ ଆକାଶ ପଥରୁ ଆକ୍ରମଣ କରି ଇମ୍ଫାଲଠାରେ ଫୌଜକୁ ପରାସ୍ତ କଲା । ଦେଶପାଇଁ ବଳିଦାନ ଦେଇଥିବା ଏହି କର୍ତ୍ତବ୍ୟନିଷ୍ଠ, ସାହସୀ, ସ୍ୱାଭିମାନୀ ବୀର ସନ୍ତାନଙ୍କ ମୃତ୍ୟୁ ରହସ୍ୟ ଓ ସମୟ ଅଦ୍ୟାବଧି ନିରୂପିତ ହୋଇପାରି ନାହିଁ ।

ଦୀପଟିଏ ଜଳିଲେ ସେ ଯେ କେବଳ ଘନ ଅନ୍ଧକାରକୁ ବିଦୀର୍ଣ୍ଣ କରେ ତାହା ନୁହେଁ ତା'ର ସ୍ପର୍ଶରେ ଜଳିଉଠେ ଶତାଧିକ ପ୍ରଦୀପମାଳା । ସୁଭାଷଚନ୍ଦ୍ର ବୋଷ ଠିକ୍ ସେହିପରି ଏକ ପ୍ରଦୀପ ଥିଲେ ଯାହାଙ୍କ ପାଇଁ ଅନେକ ଭାରତୀୟ ସ୍ୱାଧୀନତାର ଯାଜ୍ଞବେଦୀରେ ଝାସ ଦେଇଥିଲେ । ରେଙ୍ଗୁନ ମାଟିରୁ ଦିଲ୍ଲୀ ପର୍ଯ୍ୟନ୍ତ ଯାହାଙ୍କର ବାଣୀ ଝଙ୍କୃତ କରିଥିଲା, ଯାହାଙ୍କର ରଣହୁଙ୍କାର ଫିରିଙ୍ଗି ଦଳର କଳିଜା ଥରେଇ ଦେଇଥିଲା ଭାରତର ସେହି ଅମୂଲ୍ୟ ରତ୍ନ, ଉତ୍କଳର ପ୍ରାଣ ପିଣ୍ଡ, ସ୍ୱାଧୀନଚେତା, ଅମର-ଅଜେୟ, ସୁଭାଷ ଯୁଗେ ଯୁଗେ ଚିର ନମସ୍ୟ ।

*ଆଚାର୍ଯ୍ୟା*

*ସ.ଶି.ବି.ମ. , ତାଳଚେର*

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଡିସେମ୍ବର - ଜାନୁଆରୀ ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ୱାଟସ୍ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

ଶିକ୍ଷାସୃଜନୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା
ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
Whatsapp No. :- 8895461378, 9437740566
E-Mail :- shikshasrujanee@gmail.com

**ଗଣିତ ବିଭବ**

# ବର୍ଗ

*ଶ୍ରୀ ପ୍ରସନ୍ନ କୁମାର ସାହୁ*

ସୂତ୍ର ସଂକଳନ ବ୍ୟବକଳନାଭ୍ୟାମ୍ :- ସୂତ୍ରର ଅର୍ଥ ଯୋଗ କରିବା ଫେଡ଼ାଣ ଦ୍ୱାରା ।

କ) ଶୂନ୍ୟାନ୍ତ ସଂଖ୍ୟାରୁ ଏକ କମ୍ ବା ଅଧିକ ସଂଖ୍ୟାର ବର୍ଗ ଏହି ସୂତ୍ରଦ୍ୱାରା ସହଜରେ ମିଳିଥାଏ ।

**ଉଦାହରଣ - ୦୧ -** ୧୯$^{୨}$ = କେତେ ?

**ସମାଧାନ -**

୧୯ର ନିକଟତମ ଶୂନ୍ୟାନ୍ତ ସଂଖ୍ୟା ୨୦, ଏହା (୧୯), ୨୦ ଠାରୁ ୧ କମ୍ ।

ତେଣୁ ୧୯$^{୨}$=୨୦$^{୨}$-୨୦-୧୯=୪୦୦-୩୯ = ୩୬୧ ଉତ୍ତର

**ଉଦାହରଣ - ୦୨ -** ୨୧$^{୨}$ = କେତେ ?

**ସମାଧାନ -**

୨୧ର ନିକଟତମ ଶୂନ୍ୟାନ୍ତ ସଂଖ୍ୟା ୨୦, ଏହା (୨୧), ୨୦ ଠାରୁ ୧ ଅଧିକ ।

ତେଣୁ ୨୧$^{୨}$= ୨୦$^{୨}$+ ୨୦ + ୨୧ = ୪୦୦ + ୪୧ = ୪୪୧ (ଉତ୍ତର)

**ଉଦାହରଣ - ୦୩ -** ୩୯$^{୨}$ = କେତେ ?

**ସମାଧାନ -**

୩୯ର ନିକଟତମ ଶୂନ୍ୟାନ୍ତ ସଂଖ୍ୟା ୪୦, ଏହା (୩୯), ୪୦ ଠାରୁ ୧ କମ୍ ।

ତେଣୁ ୩୯$^{୨}$= ୪୦$^{୨}$- ୪୦ - ୩୯ = ୧୬୦୦ - ୭୯ = ୧୫୨୧ (ଉତ୍ତର)

**ଉଦାହରଣ - ୦୪ -** ୫୧$^{୨}$ = କେତେ ?

**ସମାଧାନ -**

୫୧ର ନିକଟତମ ଶୂନ୍ୟାନ୍ତ ସଂଖ୍ୟା ୫୦, ୫୧ ସଂଖ୍ୟାଟି ୫୦ ଠାରୁ ୧ ଅଧିକ ।

ତେଣୁ ୫୧$^{୨}$= ୫୦$^{୨}$+ ୫୦ + ୫୧ = ୨୫୦୦ + ୧୦୧ = ୨୬୦୧ (ଉତ୍ତର)

ଖ) ଏକକ ଘରେ ୫ ଥିବା ସଂଖ୍ୟାକୁ ଆଧାର କରି କମ୍ ବା ବେଶୀ ଥିଲେ ବର୍ଗ ନିର୍ଣ୍ଣୟ କରିବା ।

**ଉଦାହରଣ - ୦୧ -** ୧୬$^{୨}$ = କେତେ ? ଓ ୧୪$^{୨}$ = କେତେ ?

**ସମାଧାନ -**

୧୪ ଓ ୧୬ର ନିକଟତମ ସଂଖ୍ୟା (ଏକକ ଘରେ ୫ ଥାଇ) ହେଲା ୧୫ ।

ଆମେ ୧୫$^{୨}$= ୧ x୨ ଓ ୫ x ୫ = ୨ / ୨୫ = ୨୨୫ ଜାଣୁ ।

୧୬$^{୨}$=୧୫$^{୨}$+୧୫+୧୬= ୨୨୫ + ୩୧ = ୨୫୬ (ଉତ୍ତର)

୧୪$^{୨}$=୧୫$^{୨}$-୧୫- ୧୪ = ୨୨୫ - ୨୯ = ୧୯୬ (ଉତ୍ତର)

**ଉଦାହରଣ - ୦୨ -** ୭୪$^{୨}$ = କେତେ ? ଓ ୭୬$^{୨}$ = କେତେ ?

**ସମାଧାନ -**

୭୪ ଓ ୭୬ର ନିକଟତମ ସଂଖ୍ୟା (ଏକକ ଘରେ ୫ ଥାଇ) ହେଲା ୭୫ ।

୭୫$^{୨}$= ୭ x ୮ ଓ ୫ x ୫ = ୫୬ / ୨୫ = ୫୬୨୫ ଜାଣୁ ।

୭୪$^{୨}$=୭୫$^{୨}$-୭୫- ୭୪=୫୬୨୫-୧୪୯=୫୪୭୬ (ଉତ୍ତର)

୭୬$^{୨}$=୭୫$^{୨}$+୭୫+୭୬=୫୬୨୫+୧୫୧=୫୭୭୬ (ଉତ୍ତର)

**ହୀନ ସଙ୍ଗେ ହୀନଗତି । ହସି କହନ୍ତି ଯଦୁପତି ।।**

**ଉଦାହରଣ - ୦୩ -** ୧୯୪$^୨$ = କେତେ ? ଓ ୧୯୬$^୨$ = କେତେ ?

**ସମାଧାନ -**

୧୯୪ ଓ ୧୯୬ର ନିକଟତମ ସଂଖ୍ୟା (ଏକକ ଘରେ ୫ ଥାଇ) ହେଲା ୧୯୫ ।

୧୯୫$^୨$ = ୧୯ x ୨୦ ଓ ୫ x ୫ = ୩୮୦ / ୨୫ = ୩୮୦୨୫ ।

୧୯୪$^୨$ = ୧୯୫$^୨$ - ୧୯୫ - ୧୯୪ = ୩୮୦୨୫ - ୩୮୯ = ୩୭୬୩୬ (ଉତ୍ତର)

୧୯୬$^୨$ = ୧୯୫$^୨$ + ୧୯୫ + ୧୯୬ = ୩୮୦୨୫ + ୩୯୧ = ୩୮୪୧୬ (ଉତ୍ତର)

**ଆସ ଆମେ ଅଭ୍ୟାସ କରିବା :-**

**ବର୍ଗ ନିର୍ଣ୍ଣୟ କର -**

**୨୪ ଓ ୨୬, ୫୪ ଓ ୫୫, ୯୪ ଓ ୯୬, ୧୩୪ ଓ ୧୩୬, ୨୦୪ ଓ ୨୦୬ ।**

ଗ) ଶୂନ୍ୟାନ୍ତ ସଂଖ୍ୟାର ନିକଟତମ ୨ / ୩ ସ୍ଥାନ କମ୍ ବା ବେଶୀ ସଂଖ୍ୟାର ବର୍ଗ ନିର୍ଣ୍ଣୟ କରିବା ।

**ଉଦାହରଣ - ୦୧ -** ୧୮$^୨$ = କେତେ ? ଓ ୨୨$^୨$ = କେତେ ?

**ସମାଧାନ -**

୧୮$^୨$ = ୨୦$^୨$ - ୨୦ - ୨(୧୯) - ୧୮ = ୪୦୦ - ୭୬ = ୩୨୪ (ଉତ୍ତର)

୨୨$^୨$ = ୨୦$^୨$ + ୨୦ + ୨(୨୧) + ୨୨ = ୪୦୦ + ୮୪ = ୪୮୪ (ଉତ୍ତର)

**ଉଦାହରଣ - ୦୨ -** ୨୭$^୨$ = କେତେ ? ଓ ୩୩$^୨$ = କେତେ ?

**ସମାଧାନ - ୧** ଏଠାରେ ପ୍ରଥମେ ୩୦କୁ ଆଧାର କରି ଉତ୍ତର ନିର୍ଣ୍ଣୟ କରିବା ।

୨୭$^୨$ = ୩୦$^୨$ - ୩୦ - ୨(୨୯+୨୮) - ୨୭ = ୯୦୦ - ୧୭୧ = ୭୨୯ (ଉତ୍ତର)

୩୩$^୨$ = ୩୦$^୨$ + ୩୦ + ୨(୩୧+୩୨) + ୩୩ = ୯୦୦ + ୧୮୯ = ୧୦୮୯ (ଉତ୍ତର)

**ସମାଧାନ - ୨** ୨୭କୁ ୨୫କୁ ଆଧାର କରି ଓ ୩୩କୁ ୩୫ ଆଧାର କରି ବର୍ଗ ନିର୍ଣ୍ଣୟ କରିବା ।

୨୭$^୨$ = ୨୫$^୨$ + ୨୫ + ୨(୨୬) + ୨୭ = ୬୨୫ + ୧୦୪ = ୭୨୯ (ଉତ୍ତର)

୩୩$^୨$ = ୩୫$^୨$ - ୩୫ - ୨(୩୪) - ୩୩ = ୧୨୨୫ - ୩୫ - ୬୮ - ୩୩ = ୧୨୨୫ - ୧୩୬ = ୧୦୮୯ (ଉତ୍ତର)

**ଉଦାହରଣ - ୦୩ -** ୭୬$^୨$ = କେତେ ? ଓ ୮୪$^୨$ = କେତେ ?

**ସମାଧାନ - ୧** ଆଧାର ୮୦କୁ ନେଇ ଉତ୍ତର ନିର୍ଣ୍ଣୟ କରିବା ।

୭୬$^୨$ = ୮୦$^୨$-୮୦-୨(୭୯+୭୮+୭୭)-୭୬ = ୬୪୦୦ -୮୦ -୪୬୮-୭୬ = ୬୪୦୦-୬୨୪=୫୭୭୬ (ଉତ୍ତର)

୮୪$^୨$ = ୮୦$^୨$ + ୮୦ + ୨(୮୧+୮୨+୮୩) + ୮୪ = ୬୪୦୦ + ୬୫୬ = ୭୦୫୬ (ଉତ୍ତର)

**ସମାଧାନ - ୨** ୭୬କୁ ୭୫କୁ ଆଧାର ଓ ୮୪କୁ ୮୫ ଆଧାର କରି ବର୍ଗ ନିର୍ଣ୍ଣୟ କରିବା ।

୭୬$^୨$ = ୭୫$^୨$ + ୭୫ + ୭୬ = ୫୬୨୫ + ୧୫୧ = ୫୧୭୬ (ଉତ୍ତର)

୮୪$^୨$ = ୮୫$^୨$ - ୮୫ - ୮୪ = ୭୨୨୫ - ୧୬୯ = ୧୭୦୫୬ (ଉତ୍ତର)

**ଆସ ଆମେ ଅଭ୍ୟାସ କରିବା :-**

**ବର୍ଗ ନିର୍ଣ୍ଣୟ କର -**

**୨୮, ୬୭, ୩୯, ୪୩, ୫୮, ୬୩, ୭୭, ୮୬, ୯୪**

*ଅଖିଳ ଭାରତୀୟ ସହ ଗଣିତ ପ୍ରମୁଖ*
*ବିଦ୍ୟା ଭାରତୀ*

ବିଜ୍ଞାନ ବିଭବ

# କରୋନା ଭାଇରସ୍‌ର ଇତିକଥା

✹ ଶ୍ରୀ ନିକୁଞ୍ଜ ବିହାରୀ ସାହୁ

କରୋନା ଭାଇରସ୍‌ର ଇତିହାସ ଯେତିକି ରହସ୍ୟମୟ, ସେତିକି ପ୍ରଶ୍ନବାଚୀ । ଏହି ଭାଇରସ ପ୍ରଥମେ ୧୯୩୦ ମସିହାରେ ଆବିଷ୍କୃତ ହୁଏ । ସେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାର ନର୍ଥ ଡାକୋଟାଠାରେ ଗୃହପାଳିତ କୁକୁଡ଼ାଛୁଆଙ୍କ ଠାରେ ଏକ ଭୟଙ୍କର ଶ୍ୱାସନଳୀ ସଂକ୍ରମଣ ଜନିତ ରୋଗ ଲକ୍ଷ୍ୟ କରାଯାଇଥିଲା । ଏହା ଏକ ଇନଫେକ୍ଟିଅସ୍ ବ୍ରୋଙ୍କାଇଟିସ୍ ଭାଇରସ୍ (Infectious Bronchitis Virus IBV) ନାମକ ଭୂତାଣୁ ଦ୍ୱାରା ବ୍ୟାପୁଥିବାର ଜଣା ପଡ଼ିଲା । ଏହାଦ୍ୱାରା ସଂକ୍ରମିତ କୁକୁଡ଼ାମାନଙ୍କଠାରେ ଅଣନିଃଶ୍ୱାସୀ ତଥା ଘୁମାଇବା ଆଦି ଲକ୍ଷଣ ପ୍ରକାଶ ପାଇଥିଲା । ଏହି ରୋଗରେ ୪୦ ରୁ ୯୦ ପ୍ରତିଶତ କୁକୁଡ଼ା ମରି ଯାଉଥିଲେ । ଏହାର ଏକ ବର୍ଷ ପରେ ଅର୍ଥାତ୍ ୧୯୩୧ ମସିହାରେ ଆର୍ଥର ସଲକ୍ ଏବଂ ଏମ୍.ସି. ହନ୍ (Arthur Schalk, M.c. Hawn) ନାମକ ଦୁଇଜଣ ବୈଜ୍ଞାନିକ ଏ କ୍ଷେତ୍ରରେ ଅଧ୍ୟୟନ କରି ଏହାକୁ ଏକ ନୂଆ ବ୍ୟାଧି ରୂପେ ଅଭିହିତ କରନ୍ତି । ଏହାର ୬ ବର୍ଷ ପରେ ଆଉ ଦୁଇଜଣ ବୈଜ୍ଞାନିକ ଫ୍ରେଡ଼ ବିଉଡ଼େତ ଏବଂ ଚାର୍ଲସ ହଡ଼ସନ୍ (Fred Beaudette, Charles Hudson) ଏହି ବ୍ରୋଙ୍କାଇଟିସ୍ ଭାଇରସ୍‌କୁ ପୃଥକୀକରଣ (Isolation) କରି ଗେବେଷଣାଗାରରେ ପରିବର୍ଦ୍ଧନ (Culture) କରିଥିଲେ । ୧୯୪୦ ଦଶକରେ ଆଉ ଦୁଇଟି କୋରୋନା ଭାଇରସ୍‌ର କିସମ ଯଥା ମାଉସ୍ ହେପାଟାଇଟିସ୍ ଭାଇରସ୍ (Mouse Hepatitis Virus MHV) ଏବଂ ଟ୍ରାନ୍ସମିସିବୁଲ ଗାଷ୍ଟ୍ରୋଏଣ୍ଟେରିଟିସ୍ ଭାଇରସ୍ (Transmissible Gastroenteritis Virus TGEV) କୁ ମଧ୍ୟ ପୃଥକୀକରଣ କରାଗଲା ।

୧୯୬୦ ମସିହାରେ ମନୁଷ୍ୟକୁ ସଂକ୍ରମିତ କରୁଥିବା କରୋନା ଭାଇରସ୍ ଆବିଷ୍କୃତ ହୋଇଥିଲା । ଏହାକୁ ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଦୁଇଟି ଅଲଗା ଅଲଗା ପଦ୍ଧତି ବ୍ୟବହାର କରି ପୃଥକୀକରଣ କରାଯାଇଥିଲା । ବ୍ରିଟିଶ ମେଡ଼ିକାଲ ରିସର୍ଚ୍ଚ କାଉନସିଲର ସାଧାରଣ ଥଣ୍ଡା ରୋଗ ବିଭାଗରେ କାର୍ଯ୍ୟରତ ତିନି ଜଣ ବୈଜ୍ଞାନିକ ଯଥା ଇ.ସି. କେଣ୍ଡାଲ, ମାଲକୋନ୍ ବାୟୋନ୍ ଓ ଡେଭିଡ଼ ଟିରେଲ୍ (E.C. Kendall, Malcom Byone, David Tyrrell) ଜଣେ ବାଳକର ଶରୀରରୁ B814 ନାମକ ଏକ ନଭେଲ କୋରୋନା ଭାଇରସ୍‌ର ସନ୍ଧାନ ପାଇଥିଲେ । ମାତ୍ର ପ୍ରାଥମିକ ପର୍ଯ୍ୟାୟରେ ଏହି ଭାଇରସ୍‌କୁ ସେ ସମୟରେ ଜଣାଥିବା ଅନ୍ୟ ଥଣ୍ଡା ଭାଇରସ୍ ଯଥା ଆଡ଼େନୋଭାଇରସ୍, ରାଇନୋଭାଇରସ୍ ଭଳି ଗବେଷଣାଗାରରେ ପରିବର୍ଦ୍ଧନ କରିବା ସମ୍ଭବପର ହୋଇ ନ ଥିଲା । ପରବର୍ତ୍ତୀ ୧୯୬୫ ମସିହାରେ ସେମାନେ ମନୁଷ୍ୟର ଶ୍ୱାସନଳୀରେ ଉପଲବ୍ଧ ପୋଷକତତ୍ତ୍ୱକୁ ବ୍ୟବହାର କରି ଏହି ଭାଇରସ୍‌କୁ ସଫଳତାର ସହ ଗବେଷଣାଗାରରେ ପରିବର୍ଦ୍ଧନ କରିପାରିଲେ । ଏହି ଭାଇରସ୍‌କୁ ସ୍ୱେଚ୍ଛାସେବୀମାନଙ୍କଠାରେ ପ୍ରୟୋଗ କରାଯିବାରୁ ତାହା ଥଣ୍ଡା ସର୍ଦ୍ଦି ଭଳି ସାଧାରଣ ଲକ୍ଷଣ ସୃଷ୍ଟି କରୁଥିବାର ଏବଂ ଏହାକୁ ଇଥର (Ether) ପ୍ରୟୋଗ ଦ୍ୱାରା ନିଷ୍କ୍ରିୟ କରାଯାଇ ପାରୁଥିବାର ଲକ୍ଷ୍ୟ କରାଗଲା । ଫଳରେ ଏହି ଭାଇରସ୍‌ର ଲିପିଡ଼ (Lipid)ରେ ଗଢ଼ା ଏକ ଖୋଳପା (Envelope) ରହିଥିବାର ଜଣା ପଡ଼ିଲା । ସେହି ସମୟରେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟର ଦୁଇ ଜଣ ବୈଜ୍ଞନିକ ଯଥା ଡୋରୋଥି ହାମରିଣ୍ଡ ଏବଂ ଜନ୍ ପ୍ରୋକନୋ (Dorothy Hamreand, John Procknow) ଜଣେ ଡାକ୍ତରୀ ଛାତ୍ରଙ୍କ ଶରୀରରୁ 229E ନାମକ ଏକ ନଭେଲ କୋରୋନା ଭାଇରସ୍‌ର କିସମ ସନ୍ଧାନ କରି ତାହାକୁ ମନୁଷ୍ୟର ବୃକକ ଟିସୁରେ ମିଳୁଥିବା ପୋଷକତତ୍ତ୍ୱ ମାଧ୍ୟମରେ ରଖି ପରିବର୍ଦ୍ଧନ କରିବାରେ

ସକ୍ଷମ ହୋଇଥିଲେ । ଏହା ପୂର୍ବ ଭାଇରସ ଭଳି ମନୁଷ୍ୟ ଶରୀରରେ ସାଧାରଣ ଥଣ୍ଡା ରୋଗ ସୃଷ୍ଟି କରୁଥିବାର ତଥା ଇଥର ପ୍ରୟୋଗ ଦ୍ୱାରା ନିଷ୍କ୍ରିୟ ପାଲଟି ଯାଉଥିବାର ଲକ୍ଷ୍ୟ କରାଗଲା ।

କୋରୋନା ଭାଇରସ୍‌ର ଏହି ଦୁଇଟି କିସମ ଯଥା B814 and 229Eକୁ ପରବର୍ତ୍ତୀ ୧୯୬୭ ମସିହାରେ ସ୍କଟଲାଣ୍ଡର ଜଣେ ଭୂତାଣୁବିଜ୍ଞାନୀ ଜୁନ୍ ଆଲମିଡ଼ା (June Almeida)ଙ୍କ ଦ୍ୱାରା ଲଣ୍ଡନର ସେଣ୍ଟ ଥୋମାସ ହସ୍ପିଟାଲରେ ଇଲେକ୍ଟ୍ରନ୍ ମାଇକ୍ରୋସ୍କୋପ ଯନ୍ତ୍ର ଜରିଆରେ ପ୍ରତିଛବି ସୃଷ୍ଟି କରାଗଲା । ଏହି ଇଲେକ୍ଟ୍ରନ୍ ପ୍ରତିଛବିକୁ ଆଧାର କରି ଆଲମିଡ଼ା ଦର୍ଶାଇଲେ ଯେ ଏହି ଭାଇରସ୍ ଦ୍ୱୟଙ୍କ ବାହାର ପୃଷ୍ଠରେ କଣ୍ଟା ସଦୃଶ ଅଙ୍ଗମାନ ଅଛି । ସେ ମଧ୍ୟ ଏହି ଦୁଇ ଭାଇରସ୍‌ଙ୍କ ମଧ୍ୟରେ ଆହୁରି ଅନେକ ସାମଞ୍ଜସ୍ୟ ଦର୍ଶାଇଲେ । ଏହି ଦୁଇ ଭାଇରସ୍‌ଙ୍କ ଶାରୀରିକ ଗଠନ ଦୃଷ୍ଟିକୋଣରୁ ବ୍ରୋଙ୍କାଇଟିସ୍ ଭାଇରସ୍ ସହିତ ସମାନତା ରହିଥିବାର ଜଣା ପଡ଼ିଲା ।

ସେହି ବର୍ଷ ନେସନାଲ ଇନଷ୍ଟିଚ୍ୟୁଟ ଅଫ୍ ହେଲଥ (National Institute of Health)ର ଦଳେ ଗବେଷକ ଅର୍ଗାନ୍ କଲଚର (Organ Culture) ପଦ୍ଧତି ବ୍ୟବହାର କରି ଆଉ ଗୋଟିଏ ନୂତନ କିସମ ଭାଇରସ OC43ର ସନ୍ଧାନ ପାଇଲେ । ପୂର୍ବୋକ୍ତ ତିନି ଭାଇରସ୍ ଯଥା B814, 229E and IBV ଭଳି OC43 ଭାଇରସ୍‌ର ଶରୀରର ବାହାର ପୃଷ୍ଠରେ କଣ୍ଟା ସଦୃଶ ଅଙ୍ଗମାନ ରହିଥିବାର ଇଲେକ୍ଟ୍ରନ୍ ମାଇକ୍ରୋସ୍କୋପ୍ ଯନ୍ତ୍ରରେ ଲକ୍ଷ୍ୟ କରାଗଲା ।

IBV ସଦୃଶ ଏହି ଭାଇରସ୍ ସବୁ ମୂଷା ଶରୀରରେ ହେପାଟାଇଟିସ୍ ରୋଗ ସୃଷ୍ଟି କରୁଥିବା ଭାଇରସ୍ ସହିତ ବାହ୍ୟ ଗଠନ ଦୃଷ୍ଟିରୁ ସମାନ ହୋଇଥିବାର ଜଣା ପଡ଼ିଲା । ଏସବୁର ପୃଷ୍ଠରେ ସୂର୍ଯ୍ୟର ବାହାର ପୃଷ୍ଠ ସଦୃଶ କଣ୍ଟା ଭଳି ଅଙ୍ଗମାନ ଥିବାରୁ ଏଗୁଡ଼ିକୁ କୋରୋନା ଭାଇରସ୍ (Corona Virus) କୁହାଗଲା । ପରବର୍ତ୍ତୀ ଦଶକରେ ମନୁଷ୍ୟକୁ ସଂକ୍ରମଣ କରୁଥିବା ଦୁଇ କୋରୋନା ଭାଇରସ୍ କିସମ ଯଥା 229E and OC43କୁ ଗବେଷଣାଗାରରେ କ୍ରମାଗତ ଅଧ୍ୟୟନ କରାଗଲା । ଦୁର୍ଭାଗ୍ୟକ୍ରମେ ଏକ କୋରୋନା ଭାଇରସ୍ କିସମ ଯଥା B814 ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହା ଏବେକାର କେଉଁ କୋରୋନା ଭାଇରସ ରୂପକୁ ବିବର୍ତ୍ତିତ ହୋଇଛି ତାହା ସଠିକ୍ ଭାବେ ଜଣା ନାହିଁ । ପରବର୍ତ୍ତୀ ସମୟରେ ଅନ୍ୟ କୋରୋନା ଭାଇରସ୍ କିସମ ଯଥା SARS-CoV (2003), HCoV NL63 (2004), HCoV HKU1 (2005) and MERS-CoV (2012) ଆବିଷ୍କୃତ ହୋଇଛନ୍ତି । ସେହିପରି ୧୯୬୦ ମସିହା ପରଠାରୁ ଜୀବଜନ୍ତୁଙ୍କୁ ସଂକ୍ରମିତ କରୁଥିବା ଅନେକ କୋରୋନା ଭାଇରସ୍‌ର କିସମ ଆବିଷ୍କୃତ ହୋଇଛି ।

ଏବେକାର କୋରୋନା ଭାଇରସ୍‌ର ପ୍ରକୃତ ନାମ SARS-CoV-2 । ଏହା ଗତ ୨୦୧୯ ମସିହା ଡିସେମ୍ବର ମାସରେ ଚାଇନାର ଉହାନ୍ ସହରରୁ ଆବିଷ୍କୃତ ହୋଇଛି । ଏହା ମୁଖ୍ୟତଃ ଆର୍.ଏନ୍.ଏ.(RNA)ରେ ଗଢ଼ା ଯାହା ସ୍ତନ୍ୟପାୟୀ ତଥା ପକ୍ଷୀଙ୍କ ଠାରେ ରୋଗ ସଂକ୍ରମଣ ସୃଷ୍ଟି କରିଥାଏ । ଏହି ଭାଇରସ୍ ମନୁଷ୍ୟ ଶରୀରର ଶ୍ୱାସନଳୀରେ ସଂକ୍ରମଣ କରିଥାଏ ଯାହା ସାମାନ୍ୟରୁ ମାରାତ୍ମକ ହୋଇପାରେ । ସାମାନ୍ୟ ସଂକ୍ରମଣରେ ଥଣ୍ଡା, ସର୍ଦ୍ଦି ଭଳି ଲକ୍ଷଣ ପ୍ରକାଶ ପାଉଥିଲାବେଳେ ମାରାତ୍ମକ କ୍ଷେତ୍ରରେ SARS, MERS and COVID-19 ଭଳି ରୋଗମାନ ଉତ୍ପନ୍ନ ହୋଇଥାଏ । ଅନ୍ୟ ଜୀବଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଲକ୍ଷଣ ପ୍ରକାଶିତ ହୋଇଥାଏ, ଯେପରି କୁକୁଡ଼ାଛୁଆଙ୍କ କ୍ଷେତ୍ରରେ ଉପର ଶ୍ୱାସନଳୀ ସଂକ୍ରମଣ ପରିଲକ୍ଷିତ ହେଉଥିଲାବେଳେ ଗାଈଗୋରୁ ତଥା ଘୁଷୁରୀଙ୍କ ଠାରେ ଡାଇରିଆ ଭଳି ଲକ୍ଷଣ ପ୍ରକାଶିତ ହୋଇଥାଏ । ଦୁର୍ଭାଗ୍ୟବଶତଃ କୋରୋନା ଭାଇରସ୍‌ର ମୁକାବିଲା ନିମନ୍ତେ ଏପର୍ଯ୍ୟନ୍ତ କୌଣସି ସଫଳ ପ୍ରତିଷେଧକ ଟୀକା କିମ୍ବା ଆଣ୍ଟି ଭାଇରାଲ ଔଷଧ ବିକଶିତ ହୋଇପାରି ନାହିଁ ।

*ଏଜୁକେଶନ ଅଫିସର*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*

ଏ ଘେନି ଗୁରୁ ଭାଗ୍ୟବାନ । ସେ ନୁହେଁ ମନୁଷ୍ୟ ସମାନ ।।

ଆମ ସ୍ୱାସ୍ଥ୍ୟ

# ଆୟୁର୍ବେଦରେ ସଜନା

ଡାକ୍ତର ପୁଷ୍ପଲତା ମହାନ୍ତ



ଆୟୁର୍ବେଦରେ ବର୍ଣ୍ଣିତ ଅଛି ସଂସାରରେ ଏମିତି କୌଣସି ବୃକ୍ଷ ନାହିଁ ଯାହାର ଔଷଧୀୟ ଗୁଣ ନାହିଁ । ଦୁବ ଘାସଠୁ ଆରମ୍ଭ କରି ମହାଦ୍ରୁମ ପର୍ଯ୍ୟନ୍ତ ସମସ୍ତ ବୃକ୍ଷରେ ଔଷଧୀୟ ଗୁଣ ଭରପୂର ରହିଅଛି । ଆବଶ୍ୟକତା ଅଛି ଅଭିଜ୍ଞ ବୈଦ୍ୟ ବା ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ ନେଇ ପରୀକ୍ଷା ନିରୀକ୍ଷା କରି ଜୀବନରେ ଉପଯୋଗ କରିବା । ଏହି କ୍ରମରେ ଆଜିର ଆଲୋଚ୍ୟ ବିଷୟବସ୍ତୁ ଆୟୁର୍ବେଦରେ ସଜନା ।

୧) ସଜନାର ମଞ୍ଜିକୁ ଶୁଖାଇ କୁଟି ଚୂର୍ଣ୍ଣ କରି ଶୁଙ୍ଘିଲେ ଅଧ କାପାଳୀ ବିନ୍ଧା ଓ ଉତ୍କଟ ମୁଣ୍ଡ ବିନ୍ଧା ଅଳ୍ପ ସମୟ ମଧ୍ୟରେ ଉପଶମ ହୋଇଥାଏ ।

୨) ଏହାର ମଞ୍ଜି ଭିତରେ ଥିବା ସସକୁ ମହୁ ସହିତ ଭଲଭାବରେ ମର୍ଦ୍ଦନ କରି ଚକ୍ଷୁରେ ଅଞ୍ଜନ କଲେ ସମସ୍ତ ପ୍ରକାରର ଚକ୍ଷୁରୋଗ ଭଲ ହୋଇଥାଏ ।

୩) ସଜନା ଛେଲିକୁ ଜଳରେ ଘୋରି ଲଗାଇଲେ ବ୍ୟଥ, ବାରମୁଲିଆ, କାଖ ଗୋଲି ଭଲ ହୋଇଥାଏ ।

୪) ସଜନା ଛେଲି ଓ ଶ୍ୱେତ ସୋରିଷକୁ ଏକତ୍ର ବାଟି ଲେପ ଦେଲେ ଗୋଡ଼ ଫୁଲାରୁ ଉପଶମ ମିଳିଥାଏ ।

୫) ସଜନା ପତ୍ରର ରସ ଓ ଲୁଣକୁ ଏକତ୍ର କରି ବାରମ୍ବାର ମାଲିସ କଲେ ବହୁ ଦିନର ଯାଦୁ, ନୂତନ ଯାଦୁ, ଅଇଁଠା ଯାଦୁ ଅଳ୍ପ ଦିନ ମଧ୍ୟରେ ଭଲ ହୋଇଯାଏ ।

୬) ସଜନା ପତ୍ରର ରସକୁ ଅଳ୍ପ ଉଷୁମ କରି ଯେକୌଣସି ପ୍ରକାର ଫୁଲା ବା ବିନ୍ଧା ସ୍ଥାନରେ ମାଲିସ କଲେ ଉପଶମ ମିଳିଥାଏ ।

୭) ମହୁ ବା ଗାଈ ଲହୁଣୀ ସହିତ ବା ଜଳ ସହିତ ସଜନାର ମଞ୍ଜି ଭିତରେ ଥିବା ସସକୁ ଘୋରି ଚକ୍ଷୁରେ ଅଞ୍ଜନ କଲେ ଝାପ୍ସା ଦୃଷ୍ଟି, ଅନ୍ଧାରକଣା, ଚକ୍ଷୁ ଲାଲ ହେବା, ଚକ୍ଷୁରୁ ଜଳ ବାହାରିବା ଓ ବିନ୍ଧା ନିବାରିତ ହୋଇଥାଏ ।

୮) ସଜନା ପତ୍ର ରସରେ ମହୁ ମିଶାଇ ଚକ୍ଷୁରେ ଅଞ୍ଜନ କଲେ ଆଖିରେ ଫୁଲା ପଡ଼ିବା, ବିନ୍ଧା ହେବା, ଲାଲ ହେବା ଓ ପାଣି ବୋହିବା ଆଦି ନିବାରଣ ହୋଇ ଚକ୍ଷୁରେ ଦୀପ୍ତି ବୃଦ୍ଧି ପାଇଥାଏ ।

୯) ସଜନା ଛେଲିକୁ ସିଝାଇ ଛାଣି ଅଳ୍ପ ଉଷୁମ ରଖି ସେହି ଜଳରେ ଧୋଇଲେ ବ୍ରଣ, ବାଗି, ଭଗନ୍ଦର ଆଦି କ୍ଷତ ଭଲ ହୋଇଥାଏ ।

୧୦) ଲୁହାର ମଳ ଓ ସଜନା ଛେଲିକୁ ଏକତ୍ର ବାଟି ଚିକ୍କଣ କରି ଲଗାଇଲେ ବିଚର୍ଚ୍ଚିକା, କନ୍ଦା ଆଦି ଚର୍ମ ରୋଗ ଭଲ ହୋଇଥାଏ ।

୧୧) ସଜନା ଗଛ ମୂଳର ଛେଲିକୁ ଜଳରେ ସିଝାଇ ଛାଣି ଶୀତଳ କରି ସେବନ କଲେ ଅଶ୍ମରୀ ନାଶ ହୋଇଥାଏ ।

୧୨) ସଜନା ଛେଲି ରସ ସହିତ ମିଶ୍ରି ଗୁଣ୍ଡ ବା ମହୁ ମିଶାଇ ସେବନ କଲେ ଅନ୍ତର୍ବିଦ୍ର ଭଲ ହୋଇଥାଏ ।

୧୩) ସଜନା ଛେଲି ଓ ଦେବଦାରୁ ସମ ପରିମାଣରେ ମିଶାଇ ଏକତ୍ର ଜଳରେ ବାଟି ଉଷୁମ କରି ପ୍ରଲେପ କଲେ ଅପଚୀ ରୋଗ ନାଶ ହୋଇଥାଏ ।

୧୪) ସଜନା ଛେଲିକୁ ବାଟି ନିଆଁରେ ଗରମ କରି ଲେପ ଦେଲେ ବାହ୍ୟ ବିଦ୍ରଧୀର ପୀଡା ନିବାରଣ ହୋଇଥାଏ ।

୧୫) ସଜନା ସହିତ ଲୁଣ ମିଶାଇ ହାତରେ ଭଲ ଭାବରେ ମର୍ଦ୍ଦନ କରି ଚିପୁଡ଼ି ସେହି ରସକୁ ଦୁଇବୁନ୍ଦା ନାକରେ ପକାଇଲେ ଉହା ଜ୍ୱର ନାଶ ହୋଇଥାଏ ।

୧୬) ସୋରିଷ, ସଜନା ଛେଲି ଏକତ୍ର ବାଟି ସେବନ କରିବା ପରେ ଉଷ୍ମ ଜଳ ସେବନ କଲେ ଉଦରର ବାୟୁ, ଅଜୀର୍ଣ୍ଣ, ଅଗ୍ନୀମାନ୍ଦ୍ୟ, ଗୁଳ୍ମ, ପ୍ଲୀହା, କୃମି, ବିଷ ଦୋଷ, ମେଦ ବୃଦ୍ଧି ଆଦି ନିବାରଣ ହୋଇଥାଏ ।

୧୭) ସଜନା ପତ୍ର ରସରେ ଲୁଣ ମିଶାଇ ହାତରେ ମର୍ଦ୍ଦନ କରି ଲେପ ଦେଲେ ଚର୍ମଦଳା ଓ କନ୍ଦା ଭଲ ହୋଇଥାଏ ।

୧୮) ୧୦୦ ଗ୍ରାମ୍ ସଜନା ପତ୍ରରେ ୫ ଗ୍ଲାସ କ୍ଷୀର ସମାନ କ୍ୟାଲସିୟମ ରହିଥାଏ । ସେଥିରେ ଏକ ଲେମ୍ବୁ ତୁଳନାରେ ୫ ଗୁଣା ଅଧିକ ଭିଟାମିନ୍ 'ସି' ମିଳିଥାଏ । ଏହାର ପତ୍ରରେ କ୍ୟାଲସିୟମ ଏବଂ ଭିଟାମିନ୍ 'ସି' ସହ ପ୍ରୋଟିନ୍, ପୋଟାସିୟମ୍, ଆଇରନ୍, ମାଗ୍ନେସିୟମ୍ ଓ ଭିଟାମିନ୍ 'ବି' କମ୍ପ୍ଲେକ୍ସ ପ୍ରଚୁର ପରିମାଣରେ ରହିଥାଏ ।

୧୯) ହଇଜା, ଝାଡ଼ା, ବାନ୍ତି, ଜଣ୍ଡିସ ରୋଗୀମାନଙ୍କ ପାଇଁ ସଜନା ପତ୍ରର ରସ ପିଇବା ଅନେକ ଲାଭକାରୀ ହୋଇଥାଏ ।

୨୦) ଅତ୍ୟଧିକ ଥଣ୍ଡା ହୋଇଥିଲେ ସଜନାର ପତ୍ର ଓ ଫଳକୁ ପାଣିରେ ଫୁଟାଇ ସେହି ବାମ୍ଫ ନେଲେ ବନ୍ଦ ହୋଇଯାଇଥିବା ନାକ ଖୋଲି ଯାଇଥାଏ ଓ ଶରୀରର ବିନ୍ଧା ମଧ୍ୟ କମି ଯାଇଥାଏ । ଏହାକୁ ନିୟମିତ ଖାଇଲେ ଏନିମିଆଁ ବା ଶରୀରରେ ରକ୍ତର ଅଭାବ ଦୂର ହୋଇଥାଏ । ପିଲାଙ୍କ କୁପୋଷଣକୁ ନାଶ କରିଥାଏ ଏବଂ ଭଲ ପୋଷଣତତ୍ତ୍ୱ ଦେଇଥାଏ । ଏହା ସେବନ ଦ୍ୱାରା ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମା' ମାନଙ୍କର ସ୍ୱାସ୍ଥ୍ୟ ଠିକ୍ ରହିଥାଏ । ଏହା ସମଗ୍ର ସ୍ୱାସ୍ଥ୍ୟର ସୁଧାର କରିଥାଏ ତଥା ପୋଷଣ ଓ ଉର୍ଜା ଦେଇଥାଏ । ଏହା ପ୍ରୋଟିନ୍ ଓ ଭିଟାମିନରେ ଭରପୂର ଅଟେ । ଏହା କୋଷ୍ଠକାଠିନ୍ୟକୁ ଦୂର କରିଥାଏ । ଏଥିରେ ଫାଇବର ପ୍ରଚୁର ପରିମାଣରେ ମିଳିଥାଏ ଯାହା ଆମ ପାଚନ ତନ୍ତ୍ରକୁ ଠିକ୍ ଭାବରେ ରଖିଥାଏ । ଏହାଦ୍ୱାରା ପେଟ ସମ୍ବନ୍ଧିତ ସମସ୍ତ ସମସ୍ୟାକୁ ଦୂର କରିଥାଏ ।

୨୧) ଉଚ୍ଚ କ୍ୟାଲସିୟମ୍ ମାତ୍ରା ହେବା କାରଣରୁ ଏହା ହାଡ଼କୁ ମଜଭୁତ କରିଥାଏ, ଆଣ୍ଠୁ ଗଣ୍ଠି ବିନ୍ଧା ପାଇଁ ଫଳପ୍ରଦ ହୋଇଥାଏ, ଶରୀରର ରୋଗ ପ୍ରତିଷୋଧକ ଶକ୍ତିକୁ ବଢ଼ାଇଥାଏ, ଚକ୍ଷୁ ଓ ମସ୍ତିଷ୍କକୁ ପୋଷଣ ଦେଇଥାଏ, ଏହା ସହଜରେ ମିଳି ଯାଇଥାଏ ଓ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନ ଥାଏ ।

୨୨) ସଜନା ଶାଗ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ, ପେଟ ସମସ୍ୟା, ଗଣ୍ଠି ବିନ୍ଧା ହେଉଥିଲେ ସକାଳ ସନ୍ଧ୍ୟା ଖାଲି ପେଟରେ ସଜନା ପତ୍ରକୁ ଗରମ ପାଣିରେ ବୁଡ଼ାଇ ସେହି ପାଣିକୁ ପିଇ ପତ୍ରକୁ ଚୋବାଇ ଖାଇବା ଦ୍ୱାରା ଉପସମ ମିଳିଥାଏ ।

୨୩) ପୁରୁଷମାନଙ୍କର ଶୁକ୍ରାଣୁ ବୃଦ୍ଧି କରି ସନ୍ତାନ ଉତ୍ପତ୍ତି କ୍ଷମତାକୁ ବଢ଼ାଇଥାଏ । ସେଥିନିମନ୍ତେ ସଜନାର ଆଚାର ନିୟମିତ ସେବନ କରିବା ଉଚିତ ଓ ଚାଉଳି ପିଇବା ଉଚିତ ।

*ଦିଶା ଆୟୁର୍ବେଦ ଓ ପଞ୍ଚକର୍ମ ହସ୍ପିଟାଲ*
*ଇଫ୍‌କୋ ଛକ, ପାରାଦ୍ୱୀପ*

ଯୋଗ ବିଜ୍ଞାନ

# ବକାସନ

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

ଆଜିର ବିଜ୍ଞାନ ଯୁଗରେ ବିଜ୍ଞାନୀ ମଣିଷ ବିଜ୍ଞାନ ମୋହରେ ଅନ୍ଧ ହୋଇ ପ୍ରକୃତି ଓ ପରିବେଶକୁ ନଷ୍ଟ କରିଚାଲିଛି । ଉଗ୍ର ଆଧୁନିକତା ବା ପାଶ୍ଚାତ୍ୟ ଜଗତର ପ୍ରଭାବରେ ପ୍ରଭାବିତ ହୋଇ ବିକାଶ ନାଁରେ ବିନାଶ କରି ଚାଲିଛି । ପ୍ରକୃତି ଓ ପରିବେଶର ଧ୍ୱଂସ କାରଣରୁ କରୋନା ମହାମାରୀ ତଥା ବନ୍ୟା ବାତ୍ୟା ମରୁଡ଼ି ପରି ଦୈବୀ ଦୁର୍ବିପାକ ମାନବ ସମାଜ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରୁଛି । ଅଜଣା ରୋଗ ଡାକ୍ତରଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି । ସଭ୍ୟ ମଣିଷ ପ୍ରାଣ ବିକଳରେ ଘର କୋଣରେ ମୃତ୍ୟୁକୁ ଅପେକ୍ଷା କରି ବସିଛି । ବଞ୍ଚିବା ପାଇଁ ତ୍ରାହି ତ୍ରାହି ଡାକୁଛି । ଅପର ପକ୍ଷରେ ସମଗ୍ର ବିଶ୍ୱର ଡାକ୍ତରୀ ବିଜ୍ଞାନ ଫେଲ ମାରୁଛି । ହେ ମଣିଷ ! ତୁମେ ଅମୃତର ସନ୍ତାନ । ତୁମେ ପୁଣି ଥରେ ଲୁକ୍କାୟିତ ହୋଇଥିବା ସଂଜୀବନୀକୁ ଯୋଗ ଓ ଆୟୁର୍ବେଦ ମଧ୍ୟରେ ଖୋଜ । ଜଙ୍ଗଲକୁ ଯାଇ ପ୍ରକୃତି ପୂଜନ କର । ଯୋଗାସନ ଓ ପ୍ରାଣାୟାମ ଉପରେ ଭରସା କର । ଶରୀର ମଧ୍ୟରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଅ । ଯୋଗ କର ନୀରୋଗ ରୁହ ।

**ବକାସନ ବିଧି -:**

୧) ଦୁଇ ହାତର ପାପୁଲି ଭୂମି ଉପରେ ରଖିବା । ଦୁଇ ହାତ ଓ ପାପୁଲି ମଧ୍ୟରେ ଯେମିତି ୨ ଫୁଟ ଅନ୍ତର ରହିବ ।

୨) ଆଣ୍ଠୁ ଠାରୁ ସାମାନ୍ୟ ବାଙ୍କ କରି ଆଣ୍ଠୁ ଦ୍ୱୟକୁ ଦୁଇ କହୁଣୀ ଉପରେ ଅର୍ଥାତ୍ ଦୁଇ ବାହୁର ମାଂଶପେଶୀ ଉପରକୁ ନେଇ ସ୍ଥିର ରଖିବା ।

୩) ସମ୍ପୂର୍ଣ୍ଣ ଶରୀରର ଭାର ଦୁଇ ହାତ ବା ବାହୁ ଉପରେ ରହିବ ।

୪) ସ୍ୱାଭାବିକ ଶ୍ୱାସକ୍ରିୟା କରିବା ।

୫) ପାଦ ଓ ମୁଣ୍ଡ ଏକ ସରଳରେଖା ଅର୍ଥାତ୍ ମୁଣ୍ଡ ଆଗପଟେ ଉପରକୁ ଏବଂ ଗୋଡ଼ ପଛପେଟ ଉପରକୁ ରହିବା ପରି ଦେଖାଯିବ ।

**ଲାଭ :**

୧) ହାତର ସ୍ନାୟୁଗୁଡ଼ିକ ସବଳ ହୁଏ

୨) ସମ୍ପୂର୍ଣ୍ଣ ଶରୀରର ଓଜନ ସନ୍ତୁଳନ ରକ୍ଷା ହୁଏ ।

୩) ମୁଖ ମଣ୍ଡଳର କାନ୍ତି ଓ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ ।

୪) ବ୍ରଣ ଆଦି ଅନାବଶ୍ୟକ ଚିହ୍ନ ଦୂର ହୋଇଥାଏ ।

୫) ଶରୀରର ମେରୁଦଣ୍ଡ ସଂକୋଚନ ଓ ପ୍ରସାରଣ ହୋଇ ସୁସ୍ଥ ହୋଇଥାଏ ।

୬) ମାଂସପେଶୀ ସୁଦୃଢ଼ ହୁଏ ।

୭) ପେଟ ଓ ପିଠିର ଚର୍ବି ହ୍ରାସ ପାଏ ।

୮) ଶରୀର ସନ୍ତୁଳିତ ହେବା ସହ ନୀରୋଗ ହୋଇଥାଏ ।

ଏଣୁ ଆସନ୍ତୁ ଏହି ଆସନକୁ ନିତ୍ୟ ଅଭ୍ୟାସ କରିବା ଏବଂ ଅନ୍ୟମାନଙ୍କୁ ପ୍ରେରିତ କରିବା । ଶରୀରର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରି ରୋଗମୁକ୍ତ ହେବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*




ଯେସନେ ପ୍ରାଣୀ ନିଦ୍ରାଗତେ । ସମ୍ପଦ ଦେଖେ ସ୍ୱପ୍ନଗତେ ।।

**ସଂସ୍କୃତେନ ବଦତୁ**

# ସମ୍ଭାଷଣାଭ୍ୟାସଃ

*✸ ଶ୍ରୀ ଶ୍ରୀନିବାସ ପ୍ରଧାନ*

ବନ୍ଧନୀମଧ୍ୟସ୍ଥଂ ଶବ୍ଦଂ ବ୍ୟବହୃତ୍ୟ ଉତ୍ତରବାକ୍ୟଂ ଲିଖତ ।

ପ୍ରଶ୍ନ :- ଏଷା କା ?

ଉତ୍ତର :- .............................. (ସୀତା)

ଉଦାହରଣମ୍ - ଏଷା ସୀତା ।

ପ୍ରଶ୍ନ ୧ :- ସୀତା କୁତ୍ର ଗଚ୍ଛତି ?

ଉତ୍ତର :- .............................. (ବିଦ୍ୟାଳୟ)

ପ୍ରଶ୍ନ ୨ :- ସୀତା କେନ/କଥଂ ବିଦ୍ୟାଳୟଂ ଗଚ୍ଛତି ?

ଉତ୍ତର :- .............................. (ଦ୍ୱିଚକ୍ରିକା)

ପ୍ରଶ୍ନ ୩ :- ସୀତା କିମର୍ଥଂ ବିଦ୍ୟାଳୟଂ ଗଚ୍ଛତି ?

ଉତ୍ତର :- .............................. (ପଠନ)

ପ୍ରଶ୍ନ ୪ :- ସା କୁତଃ/କସ୍ମାତ୍ ବିଦ୍ୟାଳୟଂ ଗଚ୍ଛତି ?

ଉତ୍ତର :- .............................. (ଗୃହ)

ପ୍ରଶ୍ନ ୫ :- ତସ୍ୟାଃ ବିଦ୍ୟାଳୟସ୍ୟ ନାମ କିମ୍ ?

ଉତ୍ତର :- .........................(ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର)

ପ୍ରଶ୍ନ ୬ :- ବିଦ୍ୟାଳୟସ୍ୟ ଆରମ୍ଭଂ କଦା ଭବତି ?

ଉତ୍ତର :- ......................... (ପୂର୍ବାହ୍ଣ ଦଶବାଦନ)

ପ୍ରଶ୍ନ ୭ :- ବିଦ୍ୟାଳୟସ୍ୟ ଆରମ୍ଭ ସମୟେ ଛାତ୍ରାଃ କିଂ କୁର୍ବନ୍ତି ?

ଉତ୍ତର :- .............................. (ପ୍ରାର୍ଥନା)

ପ୍ରଶ୍ନ ୮ :- ବିଦ୍ୟାଳୟେ ବାଟିକା ଅସ୍ତି ବା ?

ଉତ୍ତର :- ..................................

ପ୍ରଶ୍ନ ୯ :- ବିଦ୍ୟାଳୟସ୍ୟ ଦକ୍ଷିଣତଃ କିମ୍ ଅସ୍ତି ?

ଉତ୍ତର :- .................................. (ମନ୍ଦିର)

ପ୍ରଶ୍ନ ୧୦ :- ବିଦ୍ୟାଳୟସ୍ୟ ପୂର୍ବତଃ କିମ୍ ଅସ୍ତି ?

ଉତ୍ତର :- .................................. (ମାର୍ଗ)

ପ୍ରଶ୍ନ ୧୧ :- ବିଦ୍ୟାଳୟସ୍ୟ କଦା ସମାପ୍ତିଃ ଭବତି ?

ଉତ୍ତର :- ............................ (ସାୟଂ ପଞ୍ଚବାଦନ)

ପ୍ରଶ୍ନ ୧୨ :- ସମାପ୍ତି ସମୟେ ଛାତ୍ରାଃ କିଂ ଗାୟନ୍ତି ?

ଉତ୍ତର :- .............................. (ରାଷ୍ଟ୍ର ଗୀତ)

**ନିମ୍ନେ ପ୍ରଦତ୍ତଂ ଉତ୍ତରଂ ଦୃଷ୍ଟ୍ୱା ସ୍ୱମୂଲ୍ୟାୟନଂ କୁରୁତ ।**

*କ୍ଷେତ୍ର ସଂସ୍କୃତ ପ୍ରମୁଖ*
*ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର*

*(୧-ବିଦ୍ୟାଳୟଂ, ୨-ଦ୍ୱିଚକ୍ରିକାୟା), ୩-ପଠନାର୍ଥଂ/ପଠନାୟ, ୪-ଗହତଃ/ଗୃହାତ୍, ୫-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରମ୍, ୬-ପୂର୍ବାହ୍ଣ ଦଶବାଦନେ, ୭-ପ୍ରାର୍ଥନାଂ, ୮-ଆମ୍, ବିଦ୍ୟାଳୟେ ବାଟିକା ଅସ୍ତି, ୯-ମନ୍ଦିରମ୍, ୧୦-ମାର୍ଗମ୍, ୧୧-ସାୟଂ ପଞ୍ଚବାଦନେ, ୧୨-ରାଷ୍ଟ୍ର ଗୀତଂ)*



ଏହି ପ୍ରକାରେ ଗୃହବାସ । ଏଣେ ନ କରିବ ବିଶ୍ୱାସ ।।

# ଆମ ପ୍ରଶ୍ନ ତୁମ ଉତ୍ତର

୧. ଓଡ଼ିଶାର କେଉଁ ଜିଲ୍ଲା ଧନୁଯାତ୍ରା ପାଇଁ ପ୍ରସିଦ୍ଧ ?

୨. କେଉଁ ଗଛରୁ ଝୁଣା ମିଳେ ?

୩. କେଉଁ ସ୍ଥାନକୁ ଓଡ଼ିଶାର ସ୍ୱର୍ଣ୍ଣକ୍ଷେତ୍ର କୁହାଯାଏ ?

୪. ଡୁଡୁମା ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ ?

୫. କୋରୋନା ଭାଇରସ୍ ପାଇଁ କରାଯାଉଥିବା ପରୀକ୍ଷାର ନାମ କ'ଣ ?

୬. କୋରୋନା ଭାଇରସ୍‌ର ନାମ କାହିଁକି କୋରୋନା ଭାଇରସ୍ ରଖାଗଲା ?

୭. ଭାରତରେ ପ୍ରଥମ ରେଳଗାଡ଼ି କେବେ ଚାଲିଥିଲା ?

୮. ମହାକାବ୍ୟ ମହାଭାରତର ରଚୟିତା କିଏ ?

୯. ସୀତାଙ୍କୁ ଆମ୍ଲାନ ବସ୍ତ୍ର କିଏ ପ୍ରଦାନ କରିଥିଲେ ?

୧୦. କେତେ ବର୍ଷ ପରେ ଜାତୀୟ ଶିକ୍ଷାନୀତିରେ ପରିବର୍ତ୍ତନ କରାଯାଇଛି ?

## ଓଡ଼ିଶାର ବୃହତ୍ତମ

| | | |
|---|---|---|
| ଓଡ଼ିଶାର ବୃହତ୍ତମ ଦୁର୍ଗ | - | ବାରବାଟୀ ଦୁର୍ଗ |
| ଓଡ଼ିଶାର ବୃହତ୍ତମ ନଦୀ | - | ମହାନଦୀ |
| ଓଡ଼ିଶାର ବୃହତ୍ତମ ସଡ଼କ | - | ଜଗନ୍ନାଥ ସଡ଼କ (ବଡ଼ଦାଣ୍ଡ) |
| ଓଡ଼ିଶାର ବୃହତ୍ତମ ମଠ | - | ଏମାର ମଠ (ପୁରୀ) |
| ଓଡ଼ିଶାର ବୃହତ୍ତମ ପାଚେରୀ | - | ମେଘନାଦ ପାଚେରୀ (ପୁରୀ) |
| ଓଡ଼ିଶାର ବୃହତ୍ତମ ବନ୍ଦର | - | ପାରାଦ୍ୱୀପ ବନ୍ଦର |
| ଓଡ଼ିଶାର ବୃହତ୍ତମ ହ୍ରଦ | - | ଚିଲିକା |
| ଓଡ଼ିଶାର ବୃହତ୍ତମ ଝରଣା | - | ଅତ୍ରି (ଖୋର୍ଦ୍ଧା) |
| ଓଡ଼ିଶାର ବୃହତ୍ତମ ପର୍ବତ | - | ଦେଓମାଳି |
| ଓଡ଼ିଶାର ବୃହତ୍ତମ ଜଳପ୍ରପାତ | - | ଡୁଡୁମା |
| ଓଡ଼ିଶାର ବୃହତ୍ତମ ଗୁମ୍ଫା | - | ରାଣୀ ଗୁମ୍ଫା (ଉଦୟଗିରି) |
| ଓଡ଼ିଶାର ବୃହତ୍ତମ ପୋଖରୀ | - | ବିନ୍ଦୁ ସାଗର |
| ଓଡ଼ିଶାର ବୃହତ୍ତମ ଜିଲ୍ଲା | - | ମୟୂରଭଞ୍ଜ (ଆୟତନରେ) |
| ଓଡ଼ିଶାର ବୃହତ୍ତମ ଚିଡ଼ିଆଖାନା | - | ନନ୍ଦନକାନନ |
| ଓଡ଼ିଶାର ବୃହତ୍ତମ ଭାଷାକୋଷ | - | ପୂର୍ଣ୍ଣଚନ୍ଦ୍ର ଭାଷାକୋଷ |
| ଓଡ଼ିଶାର ବୃହତ୍ତମ ସୁଡ଼ଙ୍ଗ ପଥ | - | ମାଳିଗୁଡ଼ା (କୋରାପୁଟ) |

ଏହି ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ପଠାଇଥିବା ପ୍ରଥମ ୧୦ଜଣ ଶିଶୁ ଭାଇଭଉଣୀଙ୍କର ନାମ ଶିକ୍ଷା ସୃଜନୀରେ ପ୍ରକାଶ ପାଇବ ।

## -: ଆମ ଠିକଣା :-

ସଂଯୋଜକ ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ଦୂରଭାଷ- ୮୮୯୫୪୬୧୩୭୮/୯୯୩୭୦୨୪୦୦୨ E-mail :- shikshasrujanee@gmail.com

ଦୃଷ୍ଟି-ପବିତ୍ର ପାଦନ୍ୟାସ । ବସ୍ତ୍ର-ପବିତ୍ର ଜଳ ଗ୍ରାସ ।



କଟକ ନଗର ପୂର୍ବଛାତ୍ର ବୈଠକ ସ.ବି.ମ. କେଶବଧାମ, କଟକ



ପ୍ରାଦେଶିକ ସାଧାରଣ ସଭା ବୈଠକ ସ.ବି.ମ. କେଶବଧାମ, କଟକ

January - 2021 RNI - Reg. No : ODIODI/2012/51053



ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ପବିତ୍ର ଜୟନ୍ତୀ ଅବସରରେ ଶତ ଶତ ନମନ (୧୨-୦୧-୧୮୬୩)

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10, Chief Editor : Dr. Shyam Sundar Mishra